**ଶିଡ଼ିରୁ ଖସି ବ୍ୟବସାୟୀ ମୃତ**

ରାଜନଗର,(ଡି.ଏନ.ଏ.): ରାଜନଗର ଗାଁର ବ୍ୟବସାୟୀ ଦିଲୀପ କୁମାର ଦାସ (୫୫) ରବିବାର ଶିଡିରୁ ପଡି ଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଘରର ତୃତୀୟ ମହଲାର ଛାତ ପଡୁଥିଲା। ସେ ଶିଡିରୁ ଖସୁଥିବାବେଳେ ଗୋଡ ଖସିଯିବାରୁ ୧୦ ଫୁଟ ତଳକୁ ପଡି ଯାଇଥିଲେ। ତାଙ୍କ ମୁଣ୍ଡ ଓ ଛାତିରେ ଆଘାତ ଲାଗିଥିଲା। ପାଟି ଓ ନାକରୁ ରକ୍ତସ୍ରାବ ହୋଇଥିଲା। ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ କଟକ ବଡ ମେଡିକାଲକୁ ରେଫର କରାଯାଇଥିଲା। ଯିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଦିଲୀପ ରାଜନଗର ବଜାରରେ ବ୍ୟବସାୟ କରନ୍ତି। ତାଙ୍କ ମୃତ୍ୟୁରେ ରାଜନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ବିଲ ଫାଟି ଆଁ, ମରୁଡ଼ି ଆଶଙ୍କା

ରାଜନଗର, ୮।୮ (ଡି.ଏନ.ଏ.)

ଚଳିତବର୍ଷ ଅନିୟମିତ ବୃଷ୍ଟିପାତ ଯୋଗୁ ଚାଷୀକୁଳ ହତାଶ ହୋଇପଡିଛନ୍ତି। ଜୁନ ପ୍ରଥମ ସପ୍ତାହରେ ମୌସୁମୀର ଆଗମନ ଚାଷୀମାନଙ୍କୁ ଆନନ୍ଦିତ କରିଥିଲା। ହଠାତ୍ ଜୁଲାଇ ପ୍ରଥମ ସପ୍ତାହରୁ ମୌସୁମୀ ଉଭାନ ହୋଇଗଲା। ଆଷାଢ଼ ଯାଇ ଶ୍ରାବଣ ଚାଲିଛି। ଶ୍ରାବଣରେ ବିଲ ପୋଖରୀ ବର୍ଷାଜଳରେ ବୁଡିଯିବା କଥା। କିନ୍ତୁ ଶ୍ରାବଣରେ ମୁଣ୍ଡ ଫଟା ଖରା ସାଙ୍ଗକୁ ଧାନତଳି ରୁଆ, ବେଉଷଣ ହେବାକୁ ଥିବା ବିଲଗୁଡିକ ଫାଟି ଆଁ କଲାଣି। ଚାଷୀଙ୍କ ମନରେ ଆଶଙ୍କା ଦେଖାଯିବା ସହିତ ଧୀରେ ଧୀରେ ଅନିୟମିତତା ବର୍ଷା ମରୁଡି ଆଡ଼କୁ ମୁହାଁଉଛି।

ଦିନଥିଲା କେନ୍ଦ୍ରାପଡ଼ାର ରାଜନଗରରୁ ଉତ୍ପାଦିତ ଧାନ କଟକ ସହ ରାଜ୍ୟର ବିଭିନ୍ନ ଜିଲାକୁ ଯୋଗାଣ ହେଉଥିଲା। କିନ୍ତୁ ଜଳବାୟୁର ପରିବର୍ତ୍ତନ ସାଙ୍ଗକୁ ୧୯୯୯ ମହାବାତ୍ୟା ପରଠାରୁ ଏହି ଅଞ୍ଚଳର ଚାଷୀମାନେ ପାଗ ଅନୁକୂଳ ନ ହେବାରୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଆସୁଛି। ଚାଷୀମାନେ ଧାନ ଅମଳ କଲେ ପରିବାର ଚଳାଇବା ସହ ପିଲାଙ୍କ ପାଠପଢା, ଝିଅ ବାହାଘର ଓ ଋଣ ଶୁଝିବାରେ ଚାଷ ଉପରେ ନିର୍ଭର କରିଥାନ୍ତି। ପରିସ୍ଥିତି ଏପରି ହୋଇଛି ଆଉ ସପ୍ତାହକ ମଧ୍ୟରେ ବର୍ଷା ନ ହେଲେ ସମ୍ପୂର୍ଣ୍ଣ ଖରିଫ ଧାନ ଚାଷ ଉଜୁଡି ଯିବ। ରାଜନଗରର ପ୍ରାୟ ୯୦ ପ୍ରତିଶତ ଚାଷୀ ଖରିଫ ଧାନ ଚାଷ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଶ୍ରାବଣ ଅଧା ହେଲାଣି। ଓଡ଼ିଶାରେ ସ୍ୱାଭାବିକ ବର୍ଷା ହୋଇପାରୁନି। ଜଳବାୟୁର ଏଭଳି ପରିବର୍ତ୍ତନ ଏବେ ଚାଷୀକୁଳ ପାଇଁ କାଳ ସାଜିଛି। ବର୍ଷା ଅଭାବରୁ ରାଜନଗର ଅଞ୍ଚଳରେ ମରୁଡିର ପଦଧ୍ୱନି ଶୁଣିବାକୁ ମିଳିଲାଣି। ଜମିରେ ପାଣି ନ ଥିବାରୁ ଧାନ ତଳି ଜଳି ଗଲାଣି ତ ଆଉ କେଉଁଠି ମାଟି ଫାଟିଆଁ କରିଛି। ବାତ୍ୟା ୟାସ୍ ଓ ଏହାପରେ ଭଲ ବର୍ଷା ହୋଇଥିଲା। ଚାଷୀମାନେ ଧାନ ତଳି ପକାଇବା ଆରମ୍ଭ କରିଥିଲେ। ମାତ୍ର ବିହନ ବୁଣିବାର ପରଠୁ ବର୍ଷା ଉଭାନ ହୋଇଯାଇଛି। ଧାରା ଶ୍ରାବଣରେ ବର୍ଷା ବଦଳରେ ପ୍ରଚଣ୍ଡ ଖରା ଯୋଗୁ ଧାନ ତଳି ମରିଯିବାକୁ ବସିଲାଣି। କେତେଜଣ ଚାଷୀ କେନାଲ ଓ ପୋଖରୀରୁ ପମ୍ପସେଟ୍ ସାହାଯ୍ୟରେ ପାଣି ତଳି ରୋଇଥିବା ବିଲକୁ ବୋହି ଚାଲିଛନ୍ତି। ଗତ ୨୦ ଦିନ ହେଲା ରାଜନଗର ଅଞ୍ଚଳରେ ବର୍ଷା ହୋଇନାହିଁ।

ରାଜନଗର ବ୍ଲକର ୨୯ଟି ପଞ୍ଚାୟତରେ ଚଳିତବର୍ଷ ୨୩ ହଜାର ହେକ୍ଟର ଜମିରେ ଖରିଫ ଧାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ରାଜନଗରରେ ଜଳସେଚନର ସୁବିଧା ନ ଥିବାବେଳେ ଉଠା ଜଳସେଚନ ପ୍ରକଳ୍ପ କାମ ନ କରିବା ଯୋଗୁ ଚାଷୀ ତଳି ଥିବା ବିଲକୁ ପାଣି ଅଣୁନି। କରୋନା ଯୋଗୁ ରାଜ୍ୟ ଓ ଦେଶ ବାହାରେ ଥିବା ପ୍ରବାସୀ ଶ୍ରମିକ ଗାଁକୁ ଫେରିଛନ୍ତି। ସେମାନଙ୍କ ରୋଜଗାରର ମାଧ୍ୟମ ବନ୍ଦ ହୋଇଯାଇଥିବା ବେଳେ ସେମାନେ ଖରିଫ ଧାନ ଚାଷ ଉପରେ ଭରସା କରିଥିଲେ। ଗର୍ହନପୁର ଗାଁର ବୁଦ୍ଧଦେବ ପ୍ରଧାନ, ଗୋସିଗାଁର କ୍ଷୀରୋଦ କୁମାର ରାଉତ, ଗୌରାଙ୍ଗ ରାଉତ, ଚକ୍ରଧର ବିଶ୍ୱାଳ, କାଙ୍ଗାଳି ଚରଣ ପ୍ରଧାନ ପ୍ରମୁଖ ଚାଷୀମାନେ ୩ରୁ ୪ ଦିନ ମଧ୍ୟରେ ଯଦି ବର୍ଷା ନ ହୁଏ ତେବେ ଧାନ ଚାଷ ଆଉ ସମ୍ଭବ ନୁହେଁ ବୋଲି କହିଛନ୍ତି।



ଧାନ ତଳି ରୁଆ ହୋଇଥିବା ଜମି ଫାଟି ଗଲାଣି।

## ସଂକ୍ଷେପରେ

### ପୋଲିସ ଛାଉଣି ପ୍ରତ୍ୟାହାର, ସିଜ୍ ଗାଡ଼ି ଫେରସ୍ତ ଦାବି

କେନ୍ଦ୍ରାପଡ଼ା ଅଫିସ,୮।୮: ଖରସ୍ରୋତା ନଦୀରୁ ଭଦ୍ରକ ଜିଲାକୁ ପାଣି ଦେବା ବିବାଦରେ ମିଳିତ ବିରୋଧୀ ଦଳ ପକ୍ଷରୁ ଏକ ପ୍ରେସ୍ ବିବୃତି ରବିବାର ଦିଆଯାଇଛି। ରାଜକନିକାରେ ପୋଲିସ ଛାଉଣି ପ୍ରତ୍ୟାହାର ଓ ଥାନାରେ ଜବତ ହୋଇଥିବା ପ୍ରଚାର ଗାଡିକୁ ତୁରନ୍ତ ଛାଡିବାକୁ ଚେତାବନୀ ଦିଆଯାଇଛି। ପ୍ରେସ୍ ବିବୃତି ମୁତାବକ ଖରସ୍ରୋତା ନଦୀ ଜଳକୁ ଭଦ୍ରକ ଜିଲା ଧାମରା ବନ୍ଦରସ୍ଥ ଆଦାନୀ ଗ୍ରୁପକୁ ଦିଆଯିବ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜଳସଙ୍କଟ ଥିବା କେନ୍ଦ୍ରାପଡ଼ା ଜିଲାରୁ ଜୋରଜବରଦସ୍ତ ପାଣି ନେବାକୁ ଉଦ୍ୟମ ହେଉଛି। ଗତ ୨ ବର୍ଷ ଧରି ଜିଲାବାସୀ ଆନ୍ଦୋଳନ କରୁଥିବାରୁ ଏହି ପ୍ରକଳ୍ପ ବନ୍ଦ ରହିଥିଲା। ତେବେ ଜିଲା ପ୍ରଶାସନ ପୋଲିସ ବଳ ଲଗାଇ ଏହି ପ୍ରକଳ୍ପକୁ ସାରିବାକୁ ଅପଚେଷ୍ଟା ଚଳାଇଛି। ଖରସ୍ରୋତାରୁ ପାଣି ଗଲେ କୃଷି ଓ ପାନୀୟ ଜଳ ଉପରେ ପ୍ରଭାବ ପକାଇବ। ଯାହା ଜିଲାବାସୀଙ୍କ ଜୀବନ ଓ ଜୀବିକା ପ୍ରଭାବିତ ହେବ। ଏହା ସତ୍ତ୍ୱେ ରାଜକନିକା ପୋଲିସ ପ୍ରଚାର ଗାଡ଼ିକୁ ସିଜ୍ କରିଛି। ଜିଲା ପ୍ରଶାସନର ଦମନଲୀଳା ବନ୍ଦ ନ କଲେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ ଅଛି। ବିଜ୍ଞପ୍ତିରେ କଂଗ୍ରେସ ଜିଲା ସଭାପତି ଅଂଶୁମାନ ମହାନ୍ତି, ସିପିଆଇ(ଏମ୍) ଜିଲା ସମ୍ପାଦକ ଗୟାଧର ଧଳ, ସିପିଆଇ (ଏମ୍‌ଏଲ୍) ଜିଲା ସମ୍ପାଦକ ବିଧାନ ଦାସ, ସିପିଆଇ ଜିଲା ସମ୍ପାଦକ ରମଣୀରଞ୍ଜନ ରାଉତରାୟ ପ୍ରମୁଖ ଦସ୍ତଖତ କରିଛନ୍ତି।

### ପରିବର୍ତ୍ତନ ଯୋଦ୍ଧା କାର୍ଯ୍ୟକ୍ରମ ଆରମ୍ଭ

ପାରାଦୀପ,୮।୮(ସ୍ୱ.ପ୍ର.): ପାରାଦୀପର ନୂଆବଜାରରେ ରବିବାର ପରିବର୍ତ୍ତନ ଯୋଦ୍ଧା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାକୁ ପାରାଦୀପ-ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦ ପକ୍ଷରୁ ଆରମ୍ଭ କରାଯାଇଛି। ଏହାଦ୍ୱାରା ପାରାଦୀପ, କୁଜଙ୍ଗ, ଏରସମା, ରାହାମା, ତିର୍ତ୍ତୋଲ ଅଞ୍ଚଳର ସାଧାରଣ ଲୋକଙ୍କ ୭ ସୂତ୍ରୀ ସେବା ଯୋଗାଇ ଦିଆଯାଉଛି। ଜରୁରିକାଳୀନ ଚିକିତ୍ସା ପାଇଁ ମାଗଣା ଆମ୍ବୁଲାନ୍ସ, ଦୁର୍ଘଟଣାରେ ଆହତଙ୍କୁ ତୁରନ୍ତ ସହାୟତା, ପଞ୍ଚାୟତ ଓ ୱାର୍ଡରେ ସଫେଇ, ଡେଙ୍ଗୁ ମ୍ୟାଲେରିଆ ନିରାକରଣ ପାଇଁ ଧୂଆଁ, ଚିକିତ୍ସା ପାଇଁ ସ୍ୱତନ୍ତ୍ର ହେଲ୍ପଡେସ୍କ, ସରକାରୀ ଯୋଜନାରୁ ବଞ୍ଚିତ ଲୋକଙ୍କୁ ସାହାଯ୍ୟ, ନ୍ୟାୟ ପାଇଁ ସହଯୋଗ କରାଯିବ। ପରିଷଦର ଉପଦେଷ୍ଟା ଅରିନ୍ଦମ ସର୍ଖେଲ(ବାପି) ଏହି ସୂଚନା ଦେଇଛନ୍ତି। ପରବ୍ରହ୍ମ ରାଉତ, ଯୁଗଜ୍ୟୋତି ସ୍ୱାଇଁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ପୂର୍ବତନ ବ୍ଲକ ଯୁବ କଂଗ୍ରେସ ସଭାପତି ଦଳ ଛାଡ଼ିଲେ

ରାଜନଗର,୮।୮(ଡି.ଏନ.ଏ.): ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତର କଂଗ୍ରେସ ନେତା ପୃଥ୍ୱିରାଜ ପାତ୍ର ରବିବାର ଦଳରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ବ୍ଲକ କଂଗ୍ରେସ ସଭାପତିଙ୍କୁ ପ୍ରଦାନ କରିଛନ୍ତି। ପାତ୍ର ଦୀର୍ଘ ୨୫ ବର୍ଷ ଧରି କଂଗ୍ରେସ ଦଳରେ ଥିଲେ। ସେ ପୂର୍ବରୁ ବ୍ଲକ ଯୁବ କଂଗ୍ରେସ ସଭାପତି ଦାୟିତ୍ୱରେ ରହିଛନ୍ତି। ଏଥିସହ ସେ ବ୍ଲକ କଂଗ୍ରେସ କୃଷକ ସେଲର ସଭାପତି ଥିଲେ। କଂଗ୍ରେସ ପ୍ରାଥମିକ ସଭ୍ୟ ପଦରୁ ମଧ ଇସ୍ତଫା ଦେଇଥିବା ନେଇ ସେ ଜଣାଇଛନ୍ତି।

# ଶ୍ରୀବଳଦେବ ଜୀଉଙ୍କ ଚିତା ଲାଗି



ଶ୍ରୀବଳଦେବଜୀଉ, ଜଗନ୍ନାଥ ଓ ସୁଭଦ୍ରାଙ୍କୁ ଚିତା ଲାଗି କରାଯାଇଛି।

କେନ୍ଦ୍ରାପଡ଼ା ଅଫିସ, ୮।୮

ଚିତାଲାଗି ଅମାବାସ୍ୟା ଅବସରରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କ ଚିତା ଲାଗି ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ରୀତିନୀତି ଅନୁଯାୟୀ ଦ୍ୱିପ୍ରହର ଧୂପ ପୂର୍ବରୁ ପୁରୋହିତଙ୍କ ଦ୍ୱାରା ମଝି ଦେଉଳରେ ଜଳସିଞ୍ଚନ ସହ କଳସ ସ୍ଥାପନ ହୋଇଥିଲା। ପରେ ଶ୍ରୀଜୀଉଙ୍କ ମଙ୍ଗଳାର୍ପଣ ସହ ଚିତା ଲାଗି ହୋଇଥିଲା। ବଡ଼ଭାଇ ବଳଭଦ୍ରଙ୍କୁ ୧୪ଟି ଝରାର ଚିତା, ସାନଭାଇ ଜଗନ୍ନାଥଙ୍କୁ ୧୧ ଝରାର ଚିତା ଓ ଭଉଣୀ ସୁଭଦ୍ରାଙ୍କୁ ୭ ଝରାର ଚିତା ଅର୍ପଣ ହେବା ସହ ବଳଭଦ୍ରଙ୍କ ସ୍ୱତନ୍ତ୍ର ବଡ଼ ଚିତା ଲାଗି ହୋଇଥିଲା। ଏହି ଅବସରରେ ସ୍ୱତନ୍ତ୍ର ଭୋଗ ଖିରି, ପିଠା ଆଦି ଅର୍ପଣ ସହ ଦ୍ୱିପ୍ରହର ଭୋଗ ଲାଗିହୋଇଥିଲା। ପୂର୍ବାହ୍ନରେ ନିକଟସ୍ଥ ଦେବୋତ୍ତର କାର୍ଯ୍ୟାଳୟଠାରେ ସ୍ୱର୍ଣ୍ଣକାର ସେବକଙ୍କ ଦ୍ୱାରା ମନ୍ଦିର ସୁପରଭାଇଜର ନୃସିଂହ ଚରଣ ପତ୍ରୀଙ୍କ ଉପସ୍ଥିତିରେ ଚିତା ସଫା ଓ ମରାମତି ହୋଇଥିଲା। ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିତାଗୁଡ଼ିକ ତିନୋଟି ରୁପା ଥାଳିରେ ମନ୍ଦିରକୁ ନିଆଯାଇଥିଲା। ପରମ୍ପରା ଅନୁଯାୟୀ ଚିତାଗୁଡିକରେ ନୂତନ ପାଟ ଡୋରି ବନ୍ଧା ଯାଇ ଅର୍ପଣ ହୋଇଥାଏ। ଏହି ବେଶ ଦେଖିବା ପାଇଁ କୋଭିଡ୍ କଟକଣାରେ ପୂର୍ବାହ୍ନରୁ ରାତ୍ର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା।

# ଅଳକା ନଦୀର ପୁନରୁଦ୍ଧାର ପାଇଁ ଅନୁଧ୍ୟାନ

- ସାଢ଼େ ୬ କୋଟି ଟଙ୍କା ବ୍ୟୟ ବରାଦ
- ୧୩ ତାରିଖରେ ମୁଖ୍ୟମନ୍ତ୍ରୀ କରିବେ ଶିଳାନ୍ୟାସ
- ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସ୍ୱତନ୍ତ୍ର ଟିମ୍‌ର କ୍ଷେତ୍ର ପରିଦର୍ଶନ



ସ୍ୱତନ୍ତ୍ର ଟିମ୍ ସଦସ୍ୟ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ବାଲିକୁଦା, ୮।୮(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲାର ଐତିହ୍ୟ ବହନ କରି ଆସୁଥିବା ଅଳକା ନଦୀର ପୁନରୁଦ୍ଧାର ହେବ। ଏଥିପାଇଁ ସାଢେ ୬ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଆସନ୍ତା ୧୩ରେ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପକୁ ଭର୍ଚୁଆଲରେ ଶିଳାନ୍ୟାସ କରିବେ। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଠିକାସଂସ୍ଥା ଓସିସିକୁ କାର୍ଯ୍ୟ ପାଇଁ ଅନୁମତି ମିଳିଛି। ଏ ନେଇ ଡ୍ରେନେଜ ବିଭାଗ ସହ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ନଦୀର ସ୍ଥିତି ଅନୁଧ୍ୟାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ରବିବାର ୫ ଜଣିଆ ଟିମ ବାଲିକୁଦା ଆସି କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଟିମ୍ ସହ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ କାମିନି ରଞ୍ଜନ ପଟ୍ଟନାୟକ, ଜଗତ୍‌ସିଂହପୁର ଡ୍ରେନେଜ ଅଧୀକ୍ଷଣ ଯନ୍ତ୍ରୀ ହରେକୃଷ୍ଣ ବେହେରା, ଏସଡିଓ ସୁଧୀର କୁମାର ପ୍ରହରାଜ, ଯନ୍ତ୍ରୀ ଦିଲୀପ କୁମାର ଦାସ ପ୍ରମୁଖ ସାମିଲ ହୋଇଥିଲେ। ଟିମ୍ ପକ୍ଷରୁ ସ୍ଥାନୀୟ ଲୋକଙ୍କ ପ୍ରତିକ୍ରିୟା ରେକର୍ଡ କରାଯିବା ସହ ଡ୍ରୋନ କ୍ୟାମେରା ଜରିଆରେ ନଦୀର ସ୍ଥିତି ସମ୍ପର୍କିତ ଫଟୋ ଉତ୍ତୋଳନ କରାଯାଇଥିଲା। ଖବରପାଇ ଅଳକା ସୁରକ୍ଷା ଅଭିଯାନର ଆବାହକ ରତ୍ନାକର ନାୟକ, ସଭାପତି ସୁଶାନ୍ତ ମହାପାତ୍ର, ଉପସଭାପତି ପ୍ରକାଶ ରାୟ, ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର, କେଲୁ ଚରଣ ସାହୁ, ହରିଶ୍ଚନ୍ଦ୍ର ଶତପଥୀ ପ୍ରମୁଖ ପହଞ୍ଚି ନଦୀର ସମସ୍ୟା ସମ୍ପର୍କରେ ଟିମ୍‌କୁ ଅବଗତ କରାଇଥିଲେ। ମୃତା ଅଳକା ନଦୀର ପୁନରୁଦ୍ଧାର ପାଇଁ ଦୀର୍ଘ ଦିନ ଧରି ଆନ୍ଦୋଳନ ଚାଲିଥିଲା। ଏଥିସହ ଉଚ୍ଚ ନ୍ୟାୟାଳୟରେ ମଧ ୧୯୬୯/୧୩ରେ ଜନସ୍ୱାର୍ଥ ମାମଲା ହୋଇଥିଲା। ପରବର୍ତ୍ତୀ ସମୟରେ ଜଳସମ୍ପଦ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଳକା ସୁରକ୍ଷା ଅଭିଯାନ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହାର ପୁନରୁଦ୍ଧାର କରାଗଲେ ନଦୀରେ ଜଳ ପ୍ରବାହ ସ୍ୱାଭାବିକ ସହ ଚାଷ ପାଇଁ ପାଣି ସମସ୍ୟାର ସମାଧାନ ହେବ। ନଦୀରେ ମାଛ ଚାଷ କରାଯାଇ ଆର୍ଥିକ ସ୍ଥିତି ସୁଦୃଢ ହେବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତା ସମାବେଶ

ଡେରାବିଶ, ୮।୮(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଚାନ୍ଦୋଳ ବଜାରସ୍ଥିତ ମଣ୍ଡପରେ ରବିବାର ପାଟକୁରା ନିର୍ବାଚନ ମଣ୍ଡଳୀର ବିଜୁ ଛାତ୍ର ଜନତା ଦଳର ନୂତନ କର୍ମକର୍ତ୍ତାଙ୍କୁ ସମାବେଶରେ ଜିଲା ସଙ୍ଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ବିଜୁ ଛାତ୍ର ଜନତା ଦଳର ସଭାପତି ପ୍ରଦୀପ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଜିଲା ବିଜୁ ଛାତ୍ର ଜନତା ଦଳର ପର୍ଯ୍ୟବେକ୍ଷକ ନାରାୟଣ ସିଂ ଯୋଗ ଦେଇଥିଲେ। ସମାବେଶରେ ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ଡେରାବିଶ, ଗରଦପୁର ଓ ମାର୍ଶାଘାଇ ବ୍ଲକର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଗରଦପୁର ବ୍ଲକର ବିଜୁ ଛାତ୍ର ସଙ୍ଗଠନର ସଭାପତି ଦେବକାନ୍ତ ନାୟକ, ଜିଲା ସମ୍ପାଦକ ସୁବାସ କୁମାର ସାହୁ, ଉପସଭାପତି ଅଭିଜିତ୍ ସିଂ, ଡେରାବିଶ ବ୍ଲକ ବିଜୁ ଛାତ୍ର ଜନତା ଦଳର ସଭାପତି ଜ୍ଞାନ ରଞ୍ଜନ କର, ଉପସଭାପତି ବିଶ୍ୱଜିତ୍ ସାହାଣୀ, ସାଧାରଣ ସମ୍ପାଦକ ଗଣେଶ୍ୱର ରାଉତ, ମାର୍ଶାଘାଇ ବ୍ଲକ ସଭାପତି ପ୍ରଶାନ୍ତ ପାଣି, ଜିଲା ସମ୍ପାଦକ ରଞ୍ଜନ କୁମାର ମଲ୍ଲ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ନୂତନ କର୍ମକର୍ତ୍ତାଙ୍କୁ ଦଳୀୟ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚନରେ ଛାତ୍ରନେତାଙ୍କ ଦାୟିତ୍ୱ ଅଧିକ ଗୁରୁତ୍ୱ ରଖିବ ବୋଲି ଅଗ୍ରୱାଲ କହିଥିଲେ। ଛାତ୍ର ସଙ୍ଗଠନକୁ ଗଠନ କରିବାରେ ମୁଖ୍ୟ ଭୂମିକା ନିଭାଇଥିବା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ମହାପାତ୍ରଙ୍କୁ ବିଜୁ ପଟ୍ଟନାୟକଙ୍କ ଟଲ୍ ମ୍ୟାନ୍ ପୁସ୍ତକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗରଦପୁର ବ୍ଲକର ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦିକା ପୁଷ୍ପିତା ବେହେରା ଧନ୍ୟବାଦ ଦେଇଥିଲେ।

# ଜବର ଦଖଲରେ ଥିବା ସରକାରୀ ଗୃହ ଖାଲି କରିବାକୁ ନିର୍ଦ୍ଦେଶ

- ରାଜନଗରରେ କୃଷି, କୃଷକ ସଶକ୍ତୀକରଣ କମିଶନର
- ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ
- ଛତୁ ଫାର୍ମ ବୁଲିଲେ

ରାଜନଗର,୮।୮(ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ନୋଡାଲ ଅଫିସର ତଥା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ କମିଶନର ତଥା ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ରବିବାର ରାଜନଗର ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଛନ୍ତି। ଓସ୍ତିଆ ପଞ୍ଚାୟତ ଜଗନ୍ନାଥପୁର ଶାସନ ଗାଁରେ ଉଠା ଜଳସେଚନ ପ୍ରକଳ୍ପ, ପଦିନିସ୍ଥିତ ଛତୁ ଫାର୍ମ ବୁଲି ଦେଖିଥିଲେ। ମା' ନିମ ନାହାକାଣୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଏହି ଛତୁ ଫାର୍ମ କରାଯାଇଛି। ଛତୁ ଫାର୍ମ ଓ ଛତୁ ମଞ୍ଜି ତିଆର ପ୍ରକଳ୍ପ ଦେଖି ଖୁସି ହୋଇଥିଲେ। ଛତୁ ଫାର୍ମରୁ କେତେ ଟଙ୍କା ଲାଭ ହେଉଛି, ସେନେଇ ପଚାରି ବୁଝିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ତଥା ଏହି ଛତୁ ଫାର୍ମ ଚଳାଉଥିବା ଅମିତା ରାଉତ ଦିନକୁ ହଜାରରୁ ବାରଶହ ଟଙ୍କା ଲାଭ ହେଉଥିବା କହିଥିଲେ। ଉପସ୍ଥିତ ଥିବା ଉଦ୍ୟାନ କୃଷି ବିଭାଗର ଅଧିକାରୀ ଚୁଇଁକିଲ ମହାନ୍ତି, ଜୀବିକା ମିଶନର ସଂଯୋଜକ ରଶ୍ମୀ ରଞ୍ଜନ ଦାଶ, ସରପଞ୍ଚ ସସ୍ମିତା ମହାନ୍ତିଙ୍କୁ ବିଜନେସ ପ୍ଲାନ କ'ଣ, କେତେଟଙ୍କା ବ୍ୟାଙ୍କର ଲୋନ ବାବଦକୁ ଯାଉଛି ଓ କେତେଟଙ୍କା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ପାଉଛନ୍ତି ସେ ନେଇ ପଚାରି ବୁଝିଥିଲେ। ପରେ ରାଜନଗର କୃଷି ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। କାର୍ଯ୍ୟାଳୟରେ ମହଜୁଦ ଥିବା ଲାଇଟ କାହିଁକି ୧୫ଦିନ ଭିତରେ ବଣ୍ଟା ଯାଇ ପାରିନି ପଚାରି ଥିଲେ। ପରେ କାଦୁଅ ରାସ୍ତାରେ ପଶି ଉଦ୍ୟାନ କୃଷି କାର୍ଯ୍ୟାଳୟରେ ପହଞ୍ଚି ଥିଲେ। କାର୍ଯ୍ୟାଳୟରେ କୌଣସି କାଗଜପତ୍ର ନ ଥିବା ଦେଖିଥିଲେ। କାଗଜପତ୍ର ଆଲମିରାରେ ଅଛି ଓ ଆମେ ଦୁଇଜଣଙ୍କ ଛଡା ଆଉ କେହି କର୍ମଚାରୀ ନ ଥିବା ଉଦ୍ୟାନ କୃଷି ଅଧିକାରୀ ସୂଚନା ଦେଇଥିଲେ। ସେଠାରେ ଥିବା ଦୁଇଟି ସରକାରୀ ବିଲ୍ଡିଂ ଜବରଦଖଲରେ ଥିବାରୁ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଦୁଇଟି ସରକାରୀ ବିଲ୍ଡିଂକୁ ଜବରଦଖଲ ମୁକ୍ତ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୁପ୍ତି ଡାକବଙ୍ଗଳାରେ ପହଞ୍ଚି ରାଜନଗର ବିଧାୟକ ଧ୍ରୁବ ସାହୁ, ଜିଲାପାଳ ଅମ୍ରିତ ଋତୁରାଜ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ପରିଡା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନ୍ଦରଧର ମହାଲିକ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ସହକାରୀ ନିର୍ବାହୀଯନ୍ତ୍ରୀ ଜଳଧର ବେହେରା, କନିଷ୍ଠଯନ୍ତ୍ରୀ ଦେବ ରଞ୍ଜନ ବେହେରାଙ୍କ ସହ ଉଦ୍ୟାନ କୃଷି, ଉଠା ଜଳସେଚନ ଓ କୃଷି ବିଭାଗର ଅଧିକାରୀଙ୍କ ସହ ଆଲୋଚନ କରିଥିଲେ।

# ବାତ୍ୟା ଆଶ୍ରୟସ୍ଥଳକୁ ଗ୍ରାମ ମାଲିକାନାରେ ରଖାଯାଉ

ରାଜନଗର,୮।୮(ଡି.ଏନ.ଏ.)

ରାଜ୍ୟ ରେଡକ୍ରସ ପକ୍ଷରୁ ରାଜନଗରରେ ୧୦ଟି ବାତ୍ୟା ଆଶ୍ରୟସ୍ଥଳ ରହିଛି। ବାତ୍ୟା ଆଶ୍ରୟସ୍ଥଳଗୁଡିକରେ ଆଶ୍ରୟ ନେଉଥିବା ଗ୍ରାମର ଲୋକଙ୍କୁ ନେଇ କମିଟି ଓ ସମ୍ପାଦକ ଚୟନ କରାଯାଇଛି। ସରପଞ୍ଚମାନେ ସଭାପତି ଦାୟିତ୍ୱରେ ଅଛନ୍ତି। ବାତ୍ୟା ଆଶ୍ରୟସ୍ଥଳଗୁଡିକୁ ଜିଲା ପ୍ରଶାସନକୁ ହସ୍ତାନ୍ତର କରିବାକୁ ରେଡକ୍ରସ ସଚିବ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହାକୁ ରେଡକ୍ରସ ବାତ୍ୟା ଆଶ୍ରୟସ୍ଥଳ ସୁରକ୍ଷା ସମିତି ପକ୍ଷରୁ ବିରୋଧ କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳର ଗଚ୍ଛିତ ଅର୍ଥକୁ ହଡପ କରିବାକୁ ଏହା କରାଯାଉଛି ବୋଲି ରାଜନଗର ବ୍ଲକ ରେଡକ୍ରସ ଫେଡେରେଶନର ସମ୍ପାଦକ ଅକ୍ଷୟ କୁମାର ଜେନା ଅଭିଯୋଗ କରିଛନ୍ତି। ରବିବାର ବୈଠକରେ ୧୦ ବାତ୍ୟା ଆଶ୍ରୟସ୍ଥଳର ସମ୍ପାଦକ ଏକାଠି ହୋଇଥିଲେ। ସେମାନଙ୍କ ପରାମର୍ଶ ବିନା ଆଶ୍ରୟସ୍ଥଳ ବିଷୟରେ କୌଣସି ଏକତରଫା ନିଷ୍ପତ୍ତି ନ ନେବା, ଗଚ୍ଛିତ ପାଣ୍ଠିକୁ ଅନ୍ୟ କାର୍ଯ୍ୟରେ ବିନିଯୋଗ ନ କରିବା, ବର୍ତ୍ତମାନ ସଚିବଙ୍କୁ ହଟାଇବା ଆଦି ଦାବି କରିଛନ୍ତି। ଏ ନେଇ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ଉପରେ ଗୁରୁତ୍ୱ

**ବିଜେଡି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ କମିଟି ବୈଠକ**

ଜଗତ୍‌ସିଂହପୁର ଅଫିସ, ୮।୮

ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଶକ୍ତି ବୃଦ୍ଧି ପାଇଁ ବିଜେଡି ଖସଡା ପ୍ରସ୍ତୁତ କରୁଛି। ରବିବାର ସ୍ଥାନୀୟ ସାରଦା ମଣ୍ଡପ ପରିସରରେ ଅନୁଷ୍ଠିତ ବିଜେଡିର ଜଗତ୍‌ସିଂହପୁର ଜିଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ କମିଟି ବୈଠକ ହୋଇଥିଲା। ଜିଲା ସଭାପତି ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ପର୍ଯ୍ୟବେକ୍ଷକ ତଥା ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ମନ୍ତ୍ରୀ ତଥା ଜିଲା ପର୍ଯ୍ୟବେକ୍ଷକ ସମୀର ରଞ୍ଜନ ଦାଶ, ମନ୍ତ୍ରୀ ରଘୁନନ୍ଦନ ଦାସ, ଏମ୍‌ପି ରାଜଶ୍ରୀ ମଲ୍ଲିକ, ବିଧାୟକ ସମ୍ବିତ କୁମାର ରାଉତରାୟ, ବିଜୟ ଶଙ୍କର ଦାସ ଓ ଜିଲା ପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଦାଶ ତାଙ୍କ ବକ୍ତବ୍ୟରେ ବିଜୁ ଛାତ୍ର ଜନତା ଦଳ, ମହିଳା ଜନତା ଦଳ, କୃଷକ ଜନତା ଦଳ, ଯୁବ ଜନତା ଦଳ ଓ ସଂଖ୍ୟା ଲଘୁ ସେଲ୍‌ଗୁଡିକର କାର୍ଯ୍ୟଧାରା କ'ଣ ହେବ ସେ ସମ୍ପର୍କରେ ଆଲୋଚନା ହେବ ବୋଲି କହିଥିଲେ। ପ୍ରତି ଜିଲା ପରିଷଦ ଜୋନରେ ଜଣେ ହିସାବରେ ସଂଯୋଜକ ନିଯୁକ୍ତ ହେବେ। ପ୍ରାଥମିକ ପର୍ଯ୍ୟାୟରେ ଜୋନସ୍ତରୀୟ ବୈଠକ ଆସନ୍ତା ୧୭ରେ ପାରାଦୀପରେ କରାଯିବ। ପରେ ଜିଲାର ୮ ବ୍ଲକ ଓ ୨ଟି ପୌର ପରିଷଦ କମିଟିର ବୈଠକ ପର୍ଯ୍ୟାୟକ୍ରମେ କରାଯିବ। ଏ ନେଇ ଦିନ ଧାର୍ଯ୍ୟ ସରିଛି । ବିଜେଡିକୁ ଚଳଚଞ୍ଚଳ କରିବା, ବିଶେଷକରି ପଞ୍ଚାୟତ ନିର୍ବାଚନ ପାଇଁ ଦଳକୁ ଅଧିକ ପ୍ରସ୍ତୁତ କରିବା ମୂଳଲକ୍ଷ୍ୟ। ଆସନ୍ତା ମାସ ପାଇଁ ଏନେଇ ଏକ ଖସଡା ପ୍ରସ୍ତୁତ ହେବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ପର୍ଯ୍ୟବେକ୍ଷକ ଆଚାର୍ଯ୍ୟ କହିଥିଲେ ବିଜେଡି ରାଜନୀତି ବାଦ୍ ସାମାଜିକ କାର୍ଯ୍ୟରେ ଯୋଡି ହୋଇ ରହିଛି। ତଥାପି ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ଅଧିକ ଶକ୍ତି ଜୁଟାଇବା ପାଇଁ ରଣନୀତି ଆପଣାଇବ। ବିଧାୟକ ମୁଦୁଲି ପଞ୍ଚାୟତ, ଜିଲା ପରିଷଦ ଆଦିସ୍ତରରେ ସାଙ୍ଗଠନିକ ବ୍ୟବସ୍ଥାକୁ ମଜଭୁତ୍ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ପୂର୍ବତନ ଏମ୍‌ପି କୁଳମଣି ସାମଲ, ଜିଲା ଯୁବ ବିଜେଡି ସଭାପତି ସୌମ୍ୟଜିତ ମହାପାତ୍ର, ଜିଲା ମହିଳା ସଭାପତି ସବିତା ମହାପାତ୍ର, ଜିଲା ଛାତ୍ର ବିଜେଡି ସଭାପତି ସମ୍ବିତ କୁମାର ଲେଙ୍କାଙ୍କ ସମେତ ଜିଲାର ବିଭିନ୍ନ ବ୍ଲକ ବିଜେଡି ସଭାପତି, ପୌର ପରିଷଦ ବିଜେଡି ସଭାପତି, ଜିଲା ପରିଷଦ ସଭ୍ୟା, ସଭ୍ୟ, ବିଭିନ୍ନ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି, ଜିଲା କାର୍ଯ୍ୟକାରିଣୀ କମିଟି ସଦସ୍ୟା, ସଦସ୍ୟ ଓ ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ବୈଠକରେ ସାମିଲ ହୋଇଥିବା ବିଜେଡିର ନେତୃମଣ୍ଡଳୀ।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

**ହାଇୱା ଧକ୍କାରେ ଶିଶୁ ମୃତ**

- ରାସ୍ତା ପାର ହେଉଥିବା ବେଳେ ଘଟିଥିଲା ଦୁର୍ଘଟଣା
- ୫ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ

ବିରିଡି/ବାଲିଆ, ୮।୮ (ଡି.ଏନ୍.ଏ.)

ବିରିଡି ଥାନା ଅନ୍ତର୍ଗତ ମଧ୍ୟଶାସନ ତେନ୍ତେରାସାହି ନିକଟ ୫୫ ନଂ. ଜାତୀୟ ରାଜପଥରେ ଏକ ହାଇୱା ଧକ୍କାରେ ୪ ବର୍ଷ ଶିଶୁଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଅଲାଣ୍ଡୋ ଗ୍ରାମର ପ୍ରଦୀପ ଦାସଙ୍କ ପୁଅ ଶୁଭମ୍। କ୍ଷତିପୂରଣ ଦାବିରେ ଗ୍ରାମବାସୀ ୫ ଘଣ୍ଟା ପର୍ଯ୍ୟନ୍ତ ଜାତୀୟ ରାଜପଥ ଅବରୋଧ କରିଥିଲେ । ଶୁଭମ୍ ତେନ୍ତରା ସାହିସ୍ଥିତ ଅଜା ଶିବ ଭୋଇଙ୍କ ଘରେ ରହୁଥିଲେ। ସକାଳେ ଶୁଭମ୍ ଅଜାଙ୍କ ସହ ଆସି ମାଛଗାଁ କେନାଲ ବନ୍ଧ ନିକଟକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ଭୋଇ ଜାତୀୟ ରାଜପଥ ପାର୍ଶ୍ୱରୁ ଫୁଲ ତୋଳୁଥିଲେ। ଶୁଭମ୍ ଶୌଚ ହେବା ପରେ ରାଜ ରାସ୍ତା ପାର ହୋଇ ଅଜାଙ୍କ ପାଖକୁ ଆସୁଥିବା ବେଳେ ଜଗତ୍‌ସିଂହପୁରରୁ କଟକ ଅଭିମୁଖେ ଯାଉଥିବା ଏକ ହାଇୱା ତାକୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଶୁଭମ୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ତେନ୍ତରାସାହିର ଉତ୍ତ୍ୟକ୍ତ ଲୋକେ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ରାଜରାସ୍ତାରେ ନଡିଆଗଛ ପକାଇ ନିଆଁ ଜଳାଇ ରାସ୍ତାରୋକୋ କରିଥିଲେ।

ଖବରପାଇ ବିରିଡି ତହସିଲଦାର ସାଗରିକା ପ୍ରିୟଦର୍ଶିନୀ, ବିଡିଓ ହେମନ୍ତ କୁମାର ମହାନ୍ତି, ଏସ୍‌ଡିପିଓ ପ୍ରିୟରଞ୍ଜନ ଶତପଥୀ ଓ ବିରିଡି ଆଇଆଇସି ନିରଞ୍ଜନ ମଲିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ରାସ୍ତାରେ ହମ୍ପ ନିର୍ମାଣ, ରାସ୍ତା କଡରେ ଥିବା ଡ୍ରେନ ପୋତେଇ ଓ ମୃତ ଶିଶୁଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଥିଲେ। ପ୍ରଶାସନ ପକ୍ଷରୁ ଡ୍ରେନ୍ ପୋତେଇ ଓ ହମ୍ପସ୍ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦିଆଯିବା ସହ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଏବଂ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା କ୍ଷତିପୂରଣ ଯୋଗାଇ ଦିଆଯାଇଥିଲା। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ଶୁଭମଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟ ପଠାଇଛି। ଏନେଇ ଥାନାରେ ମାମଲା (ନଂ. ୧୪୮/୨୧) ରୁଜୁ ହୋଇଛି।



ରାସ୍ତାରେ ନଡିଆ ଗଛ ପକାଇ ଉତ୍ତ୍ୟକ୍ତ ଲୋକେ ଧାରଣା ଦେଉଛନ୍ତି।

## ସଂକ୍ଷେପରେ

### ବଳାତ୍କାର ଅଭିଯୋଗରେ ୩ ନାବାଳକ ଅଟକ

**କାଳିଆପାଣି,୮।୮(ଡି.ଏନ.ଏ.):** କାଳିଆପାଣି ଥାନା ଅଧୀନ ଗରାମିଆଁ ଅଞ୍ଚଳରେ ଜଣେ ମହିଳାଙ୍କୁ ୩ଜଣ ନାବାଳକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ସମ୍ପୃକ୍ତ ୩ ନାବାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୭୯।୨୧) ରୁଜୁ ହୋଇଛି। ସେମାନଙ୍କୁ ସୋମବାର ଡାକ୍ତରୀ ମାଇନା ପରେ ଜୁଭେନାଇଲ କୋର୍ଟରେ ହାଜର କରାଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ମୁଦୁଲି ପ୍ରକାଶ କରିଛନ୍ତି। ପୋଲିସ ସୂଚନା ଅନୁସାରେ, ସମ୍ପୃକ୍ତ ସ୍ୱାମୀ ପରିତ୍ୟକ୍ତା ମହିଳା ଏକା ଘରେ ରହୁଥିଲେ। ୫ ତାରିଖରେ ସେ ଘରେ ଶୋଇଥିବା ବେଳେ ରାତି ୯ଟାରେ ନାବାଳକମାନେ ଭଙ୍ଗାକାନ୍ଥ ଦେଇ ପଶିଥିଲେ। ଏହାପରେ ତାଙ୍କୁ ବଳାତ୍କାର କରି ଫେରାର ହୋଇ ଯାଇଥିଲେ। ୭ ତାରିଖରେ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସେମାନଙ୍କୁ କାବୁ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା।

### ଅସଦାଚରଣ ଅଭିଯୋଗରେ ଜଣେ ଗିରଫ

**ଚଣ୍ଡିଖୋଲ,୮।୮(ଡି.ଏନ.ଏ.):** ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ବଡ଼ଚଣା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ବଡ଼ଚଣା ଥାନା ଅନ୍ତର୍ଗତ ଗୁଲଜାର ନଗର ପାଟଣା ଗ୍ରାମର ବଳରାମ ସାହୁ। ଏହି ଥାନା ଅଧୀନ ଗୁଲଜାର ନଗର ଅଞ୍ଚଳର ସମ୍ପୃକ୍ତା ମହିଳା ଶନିବାର ଶୌଚହେବାକୁ ଯାଇଥିବା ସମୟରେ ସେଠାରେ ପୂର୍ବରୁ ଜଗିରହିଥିବା ବଳରାମ ଏକୁଟିଆ ପାଇ ତାଙ୍କୁ ଅସଦାଚାରଣ କରିଥିଲେ। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୩୦୦।୨୧ ରୁଜୁ କରି ତଦନ୍ତ ଚଳାଇଥିଲା।

### ଦୁର୍ବୃତ୍ତ ଟ୍ରକ୍ ଛଡ଼ାଇ ନେବା ଘଟଣା: ମାଲିକ ଗିରଫ

**ଚଣ୍ଡିଖୋଲ,୮।୮(ଡି.ଏନ.ଏ.):** ଦର୍ପଣ ଅତିରିକ୍ତ ତହସିଲଦାର ଚଣ୍ଡିଖୋଲ ନିକଟରେ ଜବତ କରିଥିବା ଏକ ଟ୍ରକ୍‌କୁ ଦୁର୍ବୃତ୍ତ ଛଡ଼ାଇ ନେବା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଚଣ୍ଡିଖୋଲ ଫାଣ୍ଡି ପୋଲିସ ରବିବାର ଟ୍ରକ୍ ମାଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଧର୍ମଶାଳା ଥାନା ଅଧୀନ ଆରୁହା ଗ୍ରାମର ସୁନୀଲ ସାହୁ। ଶନିବାର ପୋଲିସ ଟ୍ରକ୍ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ଧର୍ମଶାଳା ତହସିଲ୍ ଆରୁହା ଅଞ୍ଚଳରୁ କଳାପଥର ବୋଝେଇ କରି ଏକ ଟ୍ରକ୍ ଚଣ୍ଡିଖୋଲ ଆଡକୁ ଆସୁଥିବା ବେଳେ କୋର୍ଟ ନିକଟରେ ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ ଓ ଅନ୍ୟ କର୍ମଚାରୀ ଟ୍ରକ୍‌କୁ ଅଟକାଇ ଚାଳକଙ୍କୁ କାଗଜପତ୍ର ମାଗିଥିଲେ। ହେଲେ ଚାଳକ କାଗଜପତ୍ର ଦେଖାଇ ନ ପାରିବାରୁ ଅତିରିକ୍ତ ତହସିଲଦାର ଟ୍ରକ୍ ଜବତ କରି ଚଣ୍ଡିଖୋଲ ଫାଣ୍ଡିକୁ ଆଣୁଥିଲେ। ତେବେ ଫାଣ୍ଡି ନିକଟକୁ ଆସିବା ସମୟରେ ୫ରୁ ୭ ଜଣ ଯୁବକ ଆସି ଗଣ୍ଡଗୋଳ କରି ଟ୍ରକ୍‌କୁ ଛଡ଼ାଇ ନେଇଥିଲେ। ଏସମ୍ପର୍କରେ ତହସିଲ ସୁପରଭାଇଜର ହରିଶ ପ୍ରଧାନ ଚଣ୍ଡିଖୋଲ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ।

# ଡିଭିଜନ ମାନ୍ୟତା ଦାବି ତେଜିଲା

## ଯାଜପୁର-କେନ୍ଦୁଝରରୋଡ୍ ରେଳଷ୍ଟେଶନ



ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନକୁ ସ୍ୱତନ୍ତ୍ର ରେଳ ଡିଭିଜନ ମାନ୍ୟତା ଲାଗି ଦସ୍ତଖତ ସଂଗ୍ରହ କରାଯାଉଛି।

**ଯାଜପୁର ଅଫିସ,୮।୮**

ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନକୁ ସ୍ୱତନ୍ତ୍ର ରେଳ ଡିଭିଜନ ମାନ୍ୟତା ଦେବାକୁ ବ୍ୟାସନଗର ମିଳିତ ମଞ୍ଚ ପକ୍ଷରୁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ରବିବାର ବ୍ୟାସନଗର ଗୋପବନ୍ଧୁ ଛକରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ପ୍ରାୟ ୧୦ ହଜାର ଦସ୍ତଖତ ସଂଗ୍ରହ କରିବାକୁ ମଞ୍ଚ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ୧୦ହଜାର ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚିତ କରାଯାଇଛି।

ସ୍ମାରକପତ୍ରରେ ଦର୍ଶାଯାଇଛି, ଯାଜପୁରରୋଡ ରେଳ ଷ୍ଟେଶନ ସମ୍ପୂର୍ଣ୍ଣ ଭାବେ ଅବହେଳିତ । ଏହି ଷ୍ଟେଶନ କେନ୍ଦୁଝର, ଭଦ୍ରକ, ଢେଙ୍କାନାଳ, କେନ୍ଦ୍ରାପଡ଼ା ଏବଂ ମୟୂରଭଞ୍ଜ ଜିଲାକୁ ସଂଯୋଗ ହୋଇଛି। ଏହାସହ ଏହି ଷ୍ଟେଶନ ଟମକା, ଦୈତାରୀ, କେନ୍ଦୁଝର, କାଳିଆପାଣି, ଅନୁଗୁଳ, ସୁନ୍ଦରଗଡ଼ ଇତ୍ୟାଦି ଖଣି ଅଞ୍ଚଳଗୁଡିକର ପ୍ରବେଶ ଦ୍ୱାର ଅଟେ। ଯାଜପୁର ଜିଲା କଳିଙ୍ଗନଗରରେ ଜିନ୍ଦଲ ଏବଂ ଟାଟା ଷ୍ଟିଲ ସମେତ ୧୨ରୁ ଊର୍ଦ୍ଧ୍ୱ ଇସ୍ପାତ୍ କାରଖାନା କାମ କରୁଛି । ଏହି ଜିଲାରେ ଅତି କମ୍‌ରେ ୪ ଟି ଲଜିଷ୍ଟିକ କମ୍ପାନୀ ଏବଂ ୬ ସିମେଣ୍ଟ କାରଖାନା ଚାଲିଛି। ଜାତୀୟ ଇସ୍ପାତ୍ ଉତ୍ପାଦନର ସ୍ଥିତି ଅନୁଯାୟୀ ଯାଜପୁର ଜିଲାକୁ ଷ୍ଟିଲ ହବ୍ ବୋଲି ବିବେଚନା କରାଯାଉଛି। କହିବା ବାହୁଲ୍ୟ ଯେ, ଚଣ୍ଡୀଖୋଲରେ ଏକ ପେଟ୍ରୋଲିୟମ ସଂରକ୍ଷଣ ଡିପୋ ସ୍ଥାପନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହାବାଦ୍ ଲଳିତଗିରି, ରତ୍ନଗିରି ଏବଂ ଉଦୟଗିରି, ବିରଜାକ୍ଷେତ୍ର ନାଭିଗାୟା, ଭିତରକନିକା ଜାତୀୟ ଉଦ୍ୟାନ, ଆରଡି ପ୍ରମୁଖ ପର୍ଯ୍ୟଟନସ୍ଥଳୀକୁ ଲକ୍ଷାଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଯାଜପୁର ରୋଡ ରେଳ ଷ୍ଟେଶନ ଉଭୟ ଯାତ୍ରୀଙ୍କ ସହିତ ମାଲବାହୀ ଟ୍ରେନ ଚଳାଚଳ କରୁଛି। ଏହା ଜଖପୁରା ଠାରୁ ବଂଶପାଣି, ହରିଦାସପୁରଠାରୁ ପାରାଦୀପ, ସୁକିଣ୍ଡାରୁ ଅନୁଗୁଳ, ଟମକାରୁ ଦୈତାରୀ ରେଳଲାଇନକୁ ସଂଯୋଗ କରୁଛି। ଧାମରା ପର୍ଯ୍ୟନ୍ତ ଯାଜପୁର ଟାଉନ ଏବଂ ଆରଡି ଦେଇ ରେଳ ଲାଇନର ସର୍ଭେ କାମ ଶେଷ ହୋଇଛି । ଏହିକ୍ରମରେ ଦୀର୍ଘଦିନ ଧରି ଯାଜପୁର-କେନ୍ଦୁଝରରୋଡ ରେଳ ଷ୍ଟେଶନକୁ ଅବହେଳା କରାଯାଉଛି। ତେଣୁ ଏହି ବିଷୟକୁ ଅତି ଜରୁରୀ ଭାବେ ଗ୍ରହଣ କରି ଯାଜପୁର-କେନ୍ଦୁଝରରୋଡ ରେଳଷ୍ଟେଶନରେ ଏକ ଡିଭିଜନ ପ୍ରତିଷ୍ଠା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଯାଜପୁରରେ ଏକ ରେଲୱେ ଡିଭିଜନ ସ୍ଥାପନ ପାଇଁ ଅନୁରୋଧ କରିଛନ୍ତି। ଏଥିସହିତ ଆବଶ୍ୟକ ଜମି ଯୋଗାଇ ଦେବାକୁ ରାଜ୍ୟ ସରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏବେ ଜିଲାରେ ୪ଟି ଜଙ୍କସନ ଓ ୨୧ଟି ରେଳ ଷ୍ଟେଶନ ରହିଛି। ପଡୋଶୀ ଜିଲାରେ ରହିଥିବା ଧାମରା ଓ ପାରାଦୀପ ବନ୍ଦର ସହ ବାଣିଜ୍ୟିକ କାରବାର ବୃଦ୍ଧି ପାଇଁ ଏହି ଡିଭିଜନର ଆବଶ୍ୟକତା ରହିଛି । ଏଭଳି ସ୍ଥିତିରେ ଅଗ୍ରାଧିକାର ଭିତ୍ତିରେ ଏଠାରେ ରେଳ ଡିଭିଜନ ପ୍ରତିଷ୍ଠା ପାଇଁ ଏମ୍‌ପି ଶର୍ମିଷ୍ଠା ସେଠୀ ପୂର୍ବରୁ ଦୃଢ ଦାବି କରିଥିଲେ ।

# ରାଜ୍ୟବ୍ୟାପୀ ଆନ୍ଦୋଳନ ଚେତାବନୀ

## ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ବିବାଦ

**ଜଗତ୍‌ସିଂହପୁର ଅଫିସ /ରଘୁନାଥପୁର, ୮।୮(ଡି.ଏନ୍.ଏ.)**

ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ଘଟଣାକୁ ନେଇ ନବନିର୍ମାଣ କୃଷକ ସଙ୍ଗଠନ ଓ କଂଗ୍ରେସ ଦଳ ପକ୍ଷରୁ ସତ୍ୟାଗ୍ରହ ଅନଶନ ଆଦି ଜାରି ରହିଛି। ଇତିମଧ୍ୟରେ କୃଷକ ସଙ୍ଗଠନ ରାଜ୍ୟ କର୍ମକର୍ତ୍ତା ଦେବୀପ୍ରସାଦ ମହାରଣାଙ୍କ ଅନଶନକୁ ୬ଦିନ ପୂରିଛି। ସେହିପରି ରଶ୍ମିରଞ୍ଜନ ସ୍ୱାଇଁ ଓ ଅନ୍ୟମାନେ ସତ୍ୟାଗ୍ରହରେ ବସିଛନ୍ତି। ଏହାଛଡ଼ା କଂଗ୍ରେସ ନେତା ହିମାଂଶୁ ଭୂଷଣ ମଲ୍ଲିକ ମଧ୍ୟ ୪ଦିନ ଧରି ଆମରଣ ଅନଶନରେ ବସିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟୁଛି। ରବିବାର କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଓ ସହ ସଂଯୋଜକ ଉମାକାନ୍ତ ଭାରତ ସତ୍ୟାଗ୍ରହ ସ୍ଥଳରେ ପହଞ୍ଚି ସମର୍ଥନ ଜଣାଇଛନ୍ତି। ଏହି ଅବସରରେ ଅକ୍ଷୟ କୁମାର କହିଛନ୍ତି, ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଅନ୍ୟଏକ ପ୍ରତିମୂର୍ତ୍ତି ନିର୍ମାଣ ସ୍ୱାଧୀନତା ସଂଗ୍ରାମୀ ତଥା ବରପୁତ୍ରଙ୍କ ପ୍ରତି ଅସମ୍ମାନ। ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଗଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ। ସେହିପରି ପୂର୍ବାହ୍ନରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ଉପସଭାପତି ପ୍ରତିମା ମଲ୍ଲିକ ଓ ସ୍ୱାଧୀନବାଳା ଦାସ, ସମ୍ପାଦିକା ନିରୁପମା ପାତ୍ର ଓ ନିରୁପମା ଜେନା ପ୍ରମୁଖ ଅନଶନ ସ୍ଥଳରେ ପହଞ୍ଚି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ସମୟରେ ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ଦାସ, ସର୍ବେଶ୍ୱର ପଣ୍ଡା ଓ ଆର୍ତ୍ତତ୍ରାଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ଦାବିରେ ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଛାତ୍ରମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ମହମବତି ଜଳାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଛାତ୍ର ନେତା ସୌମ୍ୟ ରଞ୍ଜନ ମହାଳି, ନିର୍ମଳ ବେହେରା, ସତ୍ୟ ରଞ୍ଜନ ମଲ୍ଲିକ, ଦୀପକ ସାହୁ, ସ୍ମୃତି ରଞ୍ଜନ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

# ଓଡ୍ରାଫ୍ ଟିମ୍ ନୟାନ୍ତ, ନିଖୋଜ ବ୍ୟକ୍ତିଙ୍କ ପତ୍ତା ମିଳୁନାହିଁ


ଓଡ୍ରାଫ୍ ଟିମ୍ ଖୋଜାଖୋଜି କରୁଛନ୍ତି।

**ପାଣିକୋଇଲି,୮।୮(ଡି.ଏନ.ଏ.)**

ବୈତରଣୀ ନଦୀ କୂଳରେ ଗାଡି ରଖି ନିଖୋଜ ହୋଇଯାଇଥିବା ଚାଳକଙ୍କୁ ଉଦ୍ଧାର ପାଇଁ ରବିବାର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ବୈତରଣୀ ନଦୀରେ ଓଡ୍ରାଫ୍ ଟିମ୍, ଦମକଳ ବାହିନୀ ଖୋଜାଖୋଜି କରିଥିଲେ । ତହସିଲଦାର ଓ ଥାନା ଅଧିକାରୀ ସେଠାରେ ଉପସ୍ଥିତ ଥିଲେ । ହେଲେ ନିଖୋଜ ବ୍ୟକ୍ତିଙ୍କ କୌଣସି ପତ୍ତା ମିଳିନାହିଁ। ତାଙ୍କ ପରିବାର ଲୋକେ ସେଠାରେ ଉପସ୍ଥିତ ଥିଲେ ମଧ୍ୟ ସମସ୍ତେ ନିରାଶ ହୋଇ ଫେରିଛନ୍ତି।

ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ଲିଙ୍ଗେଶ୍ୱର ଘାଟ (ବୈତରଣୀ ନଦୀର ଯଜ୍ଞ ମଣ୍ଡପ)ରେ ଏକ ଟାଟା ଏସି ଗାଡି (ନଂ.ଓଡି୦୧ଏଜେ ୫୮୩୮) ଗୁରୁବାର ଠାରୁ ରହିଛି । ସେହି ଗାଡ଼ିକୁ କେହି ନେଉ ନାହାନ୍ତି । ଗାଡ଼ି ନିକଟରେ ତେଲ, ସାବୁନ ଠାରୁ ଆରମ୍ଭ କରି ବିଭିନ୍ନ ଆସବାସ ପତ୍ର ପଡ଼ି ରହିଛି। ଗାଡ଼ି ରଖି ଡ୍ରାଇଭର ଗାଧୋଇବାକୁ ବା ଶୌଚ ପାଇଁ ଯାଇଥିଲେ। କୌଣସି କାରଣରୁ ପାଣିରେ ବୁଡ଼ି ସେ ନିଖୋଜ ହୋଇଯାଇଥିବା ଅନୁମାନ କରାଯାଉଥିଲା। ଲିଙ୍ଗେଶ୍ୱର କମିଟି ପକ୍ଷରୁ ଏନେଇ ଥାନାକୁ ଅବଗତ କରାଯିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ପୁଅ ଚିକିତ୍ସା ଲାଗି ମା'ଙ୍କ ନିବେଦନ

## ଟଙ୍କା ଅଭାବରୁ ହୋଇ ପାରୁନି କିଡ୍‌ନୀ ପ୍ରତ୍ୟାରୋପଣ

**ରସୁଲପୁର,୮।୮(ଡି.ଏନ.ଏ.)**

ରସୁଲପୁର ବ୍ଲକ ଓଡ଼ିଶୋ ପଞ୍ଚାୟତ ହାଟସିଂହାପରୁ ଗ୍ରାମର ଲକ୍ଷ୍ମୀପ୍ରିୟା ସାମଲଙ୍କ ଦୁଃଖ କହିଲେ ନସରେ। ତାଙ୍କ ସ୍ୱାମୀ ଭାସ୍କର ସାମଲ ୪ ମାସ ତଳେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଆରପାରିକୁ ଚାଲିଯାଇଛନ୍ତି। ଏତିକି ବେଳେ ବଡ଼ପୁଅ ଶିଶିର ସାମଲ (୨୯) କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ। ପୁଅର ୨ଟି ଯାକ କିଡ୍‌ନୀ ପ୍ରଭାବିତ ହୋଇଛି। ଫଳରେ ଏହାକୁ ନେଇ ଲକ୍ଷ୍ମୀପ୍ରିୟା ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ପୁଅର ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ ବୋଲି ଡାକ୍ତର କହିଛନ୍ତି। ତେବେ ଏତେ ଟଙ୍କା କେଉଁଠୁ ଆଣି ପୁଅର ଚିକିତ୍ସା କରିବେ ଲକ୍ଷ୍ମୀପ୍ରିୟା, ସେହି ଚିନ୍ତା ତାଙ୍କୁ ଘାରିଛି। ସ୍ୱାମୀ ଚାଲିଯିବା ପରେ ପୁଅ ସହାୟତାକୁ ଲକ୍ଷ୍ମୀପ୍ରିୟା ଆଶା କରିଥିଲେ। ହେଲେ ଏବେ ପୁଅ ଚିକିତ୍ସା ପାଇଁ ଅନ୍ୟ ସହାୟତାକୁ ଚାହିଁ ବସିଛନ୍ତି। ପୁଅର ଚିକିତ୍ସା ପାଇଁ ସରକାରୀ ସହାୟତାର ଆବଶ୍ୟକତା ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ଅସ୍ତ୍ରୋପଚାର ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଲକ୍ଷ୍ମୀପ୍ରିୟା ନିବେଦନ କରିଛନ୍ତି। ଏହାଛଡ଼ା ବଦାନ୍ୟବ୍ୟକ୍ତ ଓ ଅନୁଷ୍ଠାନ ଶିଶିରଙ୍କ ଚିକିତ୍ସା ପାଇଁ ସହାୟତା କରିବାକୁ ସେ ଅନୁରୋଧ କରିଛନ୍ତି।


ଶିଶିର ସାମଲ।

ତାଙ୍କ କହିବା ଅନୁସାରେ, ଶିଶିରଙ୍କ ବାପା ଜଣେ ନାମମାତ୍ର ଚାଷୀ ଥିଲେ। ତେଣୁ ଶିଶିର ପରିବାରର ଆର୍ଥିକ ସମସ୍ୟାକୁ ନେଇ ଅଧାରୁ ପାଠ ଛାଡି ସୁଦୂର ଗୋଆ ଚାଲି ଯାଇଥିଲେ। ସେଠାରେ ସିକ୍ୟୁରିଟି ଗାର୍ଡ ଭାବରେ କାମ କରୁଥିଲେ। କରୋନା ପ୍ରଭାବରେ ସେ ଘରକୁ ଫେରି ଆସିଲେ। ତେବେ ହଠାତ୍ ବାପାଙ୍କ ମୃତ୍ୟୁ ପରେ ପରିବାରର ସବୁ ସମସ୍ୟା ଶିଶିରଙ୍କ ମୁଣ୍ଡକୁ ଚାଲିଗଲା। ପରିବାର ବୋଝ ସମ୍ଭାଳିବାକୁ ମନସ୍ଥ କରିଥିବା ଶିଶିର ଏବେ ପରିବାର ପାଇଁ ବୋଝ ପାଲଟିଛନ୍ତି। କିଡ୍‌ନୀ ପ୍ରତିରୋପଣ ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। ହେଲେ ଏଥିଲାଗି ଅର୍ଥ ବାଧକ ସାଜିଛି। ସେ ଏବେ କଟକ ବଡ ଡାକ୍ତରଖାନାର ନେଫ୍ରୋଲୋଜୀ ବିଭାଗରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କୁ ସପ୍ତାହରେ ୨ଥର ଡାଏଲିସିସ୍ ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। ଶିଶିରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦୁର୍ବଳ ଥିବାରୁ ସେ ସପ୍ତାହକୁ ଥରେ ଡାଏଲିସିସ୍ କରୁଛନ୍ତି। ଆବଶ୍ୟକ ଅର୍ଥ ଯୋଗାଡ ହୋଇପାରିଲେ ସେ ଅସ୍ତ୍ରୋପଚାର ପାଇଁ ଦିନ ଧାର୍ଯ୍ୟ କରିବେ। ଅନ୍ୟପକ୍ଷରେ ଶିଶିରଙ୍କୁ ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ସମ୍ପାଦକ ହିମାଂଶୁ ଶେଖର ସାହୁ କିଛି ଆର୍ଥିକ ସହାୟତା ଓ ରାଶନ ସାମଗ୍ରୀ ପ୍ରଦାନ କରିଛନ୍ତି।

# ହସ୍ତତନ୍ତ ଦିବସ ପାଳିତ

**ଯାଜପୁର ଟାଉନ,୮।୮(ଡି.ଏନ.ଏ.)**

ପ୍ରବାସୀ ଓଡ଼ିଆ କଳିଙ୍ଗ ସ୍ୱରାଜ ପରିବାର ପକ୍ଷରୁ ହସ୍ତତନ୍ତ ଦିବସ ଭର୍ଚୁଆଲ ଇଭେଣ୍ଟ ମାଧ୍ୟମରେ ପାଳିତ ହୋଇଯାଇଛି। ଏଥିରେ ମହିଳା ହସ୍ତତନ୍ତ ଶାଢ଼ି କ'ଣ ପାଇଁ ପସନ୍ଦ କରନ୍ତି ସେ ନେଇ ଏକ ପ୍ରତିଯୋଗିତା କରାଯାଇଥିଲା। ଉତ୍କଳ ଅମ୍ରିତା ବ୍ରାଣ୍ଡର କୋଫାଉଣ୍ଡର ଅମ୍ରିତା ସାବତ ୬ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରିଥିଲେ। ପ୍ରତିଯୋଗିତାରେ ଅନିତା ବିଷୋଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କଳିଙ୍ଗ ସ୍ୱରାଜ ମହିଳା ଶାଖା ଏକ ପ୍ରବାସୀ ଓଡ଼ିଆ ସଂଗଠନ। ଏହି ସଂଗଠନ ଆଜିସୁଧା ୧୭ହଜାରରୁ ଅଧିକ ମହିଳାଙ୍କୁ ଦେଶବିଦେଶରେ ବାନ୍ଧି ରଖିପାରିଛି। ମହିଳାଙ୍କ ସାମାଜିକ କାର୍ଯ୍ୟକ୍ରମ, ସଚେତନତା ଓ ବିଭିନ୍ନ ସମୟରେ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ କରି ଲୋକଲୋଚନକୁ ଆଣିଥାଏ।

# ବେଆଇନ କ୍ରଶର ବିରୋଧରେ କାର୍ଯ୍ୟାନୁଷ୍ଠାନ

**ଯାଜପୁର ଅଫିସ,୮।୮**

ରାଜପଥ ଓ ଜନବସତିକୁ ଲାଗି ପ୍ରଦୂଷଣ ସୃଷ୍ଟି କରୁଥିବା ବେଆଇନ କ୍ରଶରଗୁଡିକ ବିରୋଧରେ ୫ ବର୍ଷ ମଧ୍ୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜିଲା ପ୍ରଶାସନ ଏକାଧିକ ଥର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ହେଲେ ଲାଭ ହୋଇନାହିଁ। ଏହି କାରଣରୁ ଶୁକ୍ରବାର ବେଆଇନ କ୍ରଶରରେ ଜଣେ ଶ୍ରମିକଙ୍କ ଜୀବନ ଯାଇଛି। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ପୁଣି ବେଆଇନ କ୍ରଶର ଉପରେ କାର୍ଯ୍ୟାନୁଷ୍ଠାନକୁ କଡାକଡି କରାଯାଇଛି। ରବିବାର ଧର୍ମଶାଳା ଭାରପ୍ରାପ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି ଓ ଜେନାପୁର ଥାନା ଆଇଆଇସି ଆଶିଷ ସାହୁ ମିଳିତ ଭାବେ ଚଢାଉ କରି ବେଆଇନ କ୍ରଶରକୁ ସିଲ୍ କରିଛନ୍ତି। ବେଆଇନ କ୍ରଶରଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ତହସିଲ ପକ୍ଷରୁ ସୂଚନା ଦିଆଯାଇଛି। ୨୪।୧୧।୨୦ରେ ଯାଜପୁର ଜିଲାପାଳ ସ୍ୱତନ୍ତ୍ର ଦଳ ଗଠନ କରି ୨୭୫ ବେଆଇନ କ୍ରଶର ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ୧୨୮ କ୍ରଶର ମାଲିକଙ୍କଠାରୁ ଜରିମାନା ଆଦାୟ କର ଦଳରୁପ୍ ବସିଥିଲା । ବାଘୁଆ ଅଞ୍ଚଳରେ ଥିବା କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ବେଆଇନ କ୍ରଶରଗୁଡିକ ଉପରେ ପ୍ରଶାସନର ପଦକ୍ଷେପ ନୈରାଶ୍ୟଜନକ ରହିଛି। ଏଥିଯୋଗୁ ଜିଲାପାଳଙ୍କ ନିର୍ଦ୍ଦେଶ ମଧ୍ୟ ଏଠାରେ କାର୍ଯ୍ୟକାରୀ ହେଲା ନାହିଁ ବୋଲି ଚର୍ଚ୍ଚା ହେଉଛି।

# ବିଧାୟକଙ୍କୁ ସମସ୍ୟା ଜଣାଇଲେ ମିଡିଆ କ୍ଲବ୍ କର୍ମକର୍ତ୍ତା

**ଜେନାପୁର,୮।୮(ଡି.ଏନ.ଏ.)**

ଧର୍ମଶାଳା ମିଡିଆ କ୍ଲବ୍ ପକ୍ଷରୁ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। କ୍ଲବ କର୍ମକର୍ତ୍ତା ଓ ସଦସ୍ୟମାନେ ବିଧାୟକଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ୍ କରିଥିଲେ। ଏହି ଅବସରରେ କ୍ଲବ ତରଫରୁ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରାଯିବା ସହିତ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଜଗନ୍ନାଥଙ୍କ ତୈଳଚିତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଥର କ୍ଲବ ସଦସ୍ୟମାନେ ବିଧାୟକଙ୍କୁ ଭେଟି ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଥିବା ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏଥିସହିତ ବିଧାୟକଙ୍କୁ ସାମ୍ବାଦିକଙ୍କ ସମସ୍ୟା ବିଷୟରେ ଅବଗତ କରାଯାଇଥିଲା। ସରକାର ସାମ୍ବାଦିକଙ୍କ କିଛି ସମସ୍ୟାକୁ ସମାଧାନ ଦିଗରେ ପ୍ରୟାସ କରିଥିବା ବେଳେ ଅନ୍ୟାନ୍ୟ ସମସ୍ୟା ପ୍ରତି ଯତ୍ନଶୀଳ ଥିବା ବିଧାୟକ କହିଥିଲେ। କାର୍ଯ୍ୟକ୍ରମରେ ମିଡିଆ କ୍ଲବ୍ ସଭାପତି ବିମଳ ପତି, କାର୍ଯ୍ୟକାରୀ ସଭାପତି ସୁଧାକର ରାଉତ, ଉପସଭାପତି ବସନ୍ତ କୁମାର ନାୟକ, ସହ ସମ୍ପାଦକ ସେକ୍ ଦିଲଦାର ଚାନ୍ଦ, ସୁଶାନ୍ତ ଗୋଚ୍ଛାୟତ, ଅୟଶକାନ୍ତ ରାଉତ, ସୁଶାନ୍ତ କୁମାର ନାୟକ, ଦୀପକ ଦାସ, ଅଶୋକ ଦାସ ଓ ସେକ୍ ଆଲାଉଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ।


ଧର୍ମଶାଳା ମିଡ଼ିଆ କ୍ଲବ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବରୀ ବିକାଶ ଲାଗି ସହଯୋଗ ଲୋଡ଼ା

**ବରୀ,୮।୮(ଡି.ଏନ.ଏ.)**

ବରୀ ବ୍ଲକ ସ୍ୱାଇଁଖଣ୍ଡ ପଞ୍ଚାୟତର ଖରିପଡ଼ିଆ କଲ୍ୟାଣ ମଣ୍ଡପଠାରେ ରବିବାର ବରୀ ଯୁବ ବିଜେଡିର ଏକ ସମ୍ବର୍ଦ୍ଧନା ସଭା ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଯୁବ ବିଜେଡି ସଭାପତି ରଞ୍ଜନ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ବରୀ ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ତଥା ଜିଲାପରିଷଦ ସଭ୍ୟ ଅଶୋକ ସାମଲ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ବରୀ ବିଜେଡିର ବ୍ଲକ୍ ସଭାପତି କେଦାର ସାମଲ, ପ୍ରାକ୍ତନ ବରୀ ବ୍ଲକ୍ ଅଧ୍ୟକ୍ଷ ନୀଳମଣି ସାମଲ, ବ୍ଲକ୍ ମହିଳା ସଭାନେତ୍ରୀ ଜ୍ୟୋସ୍ନାରାଣୀ ନାଥ ଶର୍ମା, ଛାତ୍ର ବିଜେଡି ସଭାପତି ସଦିଚ୍ଛା ସାମଲ, ସରପଞ୍ଚ ସନ୍ତୋଷ ସାମଲ, ସମୀର ମଲିକ, ହରିହର ପଣ୍ଡା, ସରପଞ୍ଚ କିରଣବାଳା ଜେନା, ସୁବୋଧ ଜେନାଙ୍କ ସମେତ ବିଭିନ୍ନ ପଞ୍ଚାୟତର ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ବିକଶିତ ବରୀ ଗଠନ କ୍ଷେତ୍ରରେ ଯୁବ, ମହିଳା ଓ ଛାତ୍ର ସଂଗଠନଙ୍କ ସହଯୋଗ ଲୋଡ଼ା। ବରୀ ଭଳି ଏକ ସଂଗ୍ରାମୀ ମାଟିରେ ମୋର ଜନ୍ମ। ଏହି ମାଟିର ସ୍ୱାଭିମାନ ରକ୍ଷା ପାଇଁ ଅଞ୍ଚଳରେ ବରିଷ୍ଠ ନାଗରିକଙ୍କ ଆର୍ଶୀବାଦ ରହିଛି। ଆଗାମୀ ଦିନରେ ଏହା ଅତୁଟ ରହିବ ବୋଲି ସେ ମତ ରଖିଥିଲେ। ଏତଦ୍‌ବ୍ୟତୀତ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଯେଭଳି କୋଣ ଅନୁକୋଣରେ ପହଞ୍ଚି ପାରିବ ସେଥିପାଇଁ ବିଜେଡିର ଯୁବ, ଛାତ୍ର ଓ ମହିଳା ସଂଗଠନ ଉଦ୍ୟମ ଜାରି ରଖିବାକୁ ସେ ଅନୁରୋଧ କରିଥିଲେ। ବ୍ଲକ୍ ଯୁବ ବିଜେଡି ସଭାପତି ରଞ୍ଜନ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।



ବରୀ ବିଜେଡି କର୍ମଶାଳାରେ ବିଧାୟିକାଙ୍କ ସମେତ ଅନ୍ୟ କର୍ମକର୍ତ୍ତା।

# ଗ୍ରୀଡ୍ ଷ୍ଟେଶନ କାର୍ଯ୍ୟକୁ ବିରୋଧ

**ଚଣ୍ଡିଖୋଲ,୮।୮(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅଧୀନ ପଲାଇଠାରେ ୨୨୦/୩୩ କେଭି ଗ୍ରୀଡ୍ ଷ୍ଟେଶନ କାର୍ଯ୍ୟ ୬ ତାରିଖରେ ଆରମ୍ଭ ହୋଇଛି। ହେଲେ ଏହାକୁ ଗ୍ରାମବାସୀ ବିରୋଧ କରି ୨ ଦିନ ହେବ ଧାରଣାରେ ବସି ରହିଛନ୍ତି। ଶତାଧିକ ଗ୍ରାମବାସୀ ଏଥିରେ ସାମିଲ ହେବାସହ ନିର୍ମାଣସ୍ଥଳରେ ବାଡ଼ ବୁଜିଛନ୍ତି। ଏହି ଘଟଣାକୁ ପଲାଇ ମୌଜାରେ ଚାପା ଉତ୍ତେଜନା ଦେଖାଦେଇଛି।


ଗ୍ରୀଡ୍ ଷ୍ଟେଶନ କାର୍ଯ୍ୟକୁ ବିରୋଧ କରି ଗ୍ରାମବାସୀ ଧାରଣା ଦେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପଲାଇ ମୌଜାର ବାରବାଟୀ ପଡ଼ିଆ ପ୍ରାୟ ୩୪ ଏକର ପରିମିତ ସ୍ଥାନରେ ଅବସ୍ଥିତ, ଯାହା ଗୋଚର କିସମ। ଏହି ପଡ଼ିଆ ମଧ୍ୟସ୍ଥଳ ଦେଇ ହରିଦାସପୁର-ପାରାଦୀପ ରେଳପଥ ଯିବା ଦ୍ୱାରା ପଡିଆ ଦୁଇ ଭାଗ ହୋଇଯାଇଛି। ରେଲ୍‌ୱେ ଏହି ପଡିଆର ୭ ଏକର ଜମି ଅଧିଗ୍ରହଣ କରିଛି। ଏବେ ଗୋଟିଏ ପାର୍ଶ୍ୱରେ ପ୍ରକଳ୍ପ ପାଇଁ ତହସିଲ ପକ୍ଷରୁ ୧୫ ଏକର ପରିମିତ ସ୍ଥାନକୁ ଓପିଟିସିଏଲକୁ ୯୯ ବର୍ଷ ପାଇଁ ଲିଜ ସୂତ୍ରରେ ପ୍ରଦାନ କରାଯାଇଛି। ଫଳରେ ଏହି ପଡିଆରେ ଚାରି ଗ୍ରାମବାସୀ ବ୍ୟବହାର କରୁଥିବା ୪ ଶ୍ମଶାନ, ଖେଳପଡିଆ ଆଦି ରହିବ ନାହିଁ। ଅନ୍ୟ ପାର୍ଶ୍ୱରେ ବହୁ ପୁରାତନ ଯଜ୍ଞ ମଣ୍ଡପ ସହ ଅନ୍ୟ ଧାର୍ମିକ ଅନୁଷ୍ଠାନ ରହିଛି। ଗ୍ରାମବାସୀ ପ୍ରଥମରୁ ଏହି ପ୍ରକଳ୍ପକୁ ଗୋଟିଏ ପାର୍ଶ୍ୱରେ କରିବାକୁ ଦାବି କରିଥିଲେ। କିନ୍ତୁ ସେହି ଦାବିକୁ ପ୍ରଶାସନ ପକ୍ଷରୁ ଗ୍ରହଣ କରାଗଲାନାହିଁ। ଏନେଇ ବହୁବାର ଗ୍ରାମବାସୀ ଜନପ୍ରତିନିଧି ଓ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ନିରାଶ ହୋଇଛନ୍ତି। ବର୍ତ୍ତମାନ ଗୋଚର କିସମ ପଡ଼ିଆରୁ ସରକାର ୨୨ ଏକର ଜମି ଅଧିଗ୍ରହଣ କରିବା ପରେ ଅନ୍ୟସ୍ଥାନରେ ସେତିକି ଜମି ଦେବାର ନିୟମ ରହିଥିବା ବେଳେ ତାହା କରାଯାଇନାହିଁ। ଯଦ୍ୱାରା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ଥାଉକି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ ମାର୍ଚ୍ଚ ୨ରେ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଭିତ୍ତିପ୍ରସ୍ତରର ୨୯ ମାସ ପରେ ପ୍ରକଳ୍ପ ନିର୍ମାଣ ପାଇଁ ତତ୍ପରତା ପ୍ରକାଶ ପାଇଥିଲା। ୬ ତାରିଖରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଏହି ପ୍ରକଳ୍ପ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଗ୍ରାମବାସୀଙ୍କ ବିରୋଧ ପାଇଁ ବିଧାୟକଙ୍କ ଏହି କାର୍ଯ୍ୟକ୍ରମକୁ କଡା ସୁରକ୍ଷା ମଧ୍ୟରେ କରାଯାଇଥିଲା। ପ୍ରଶାସନ ପକ୍ଷରୁ ଏକ ପ୍ଲାଟୁନ ଫୋର୍ସ ସହିତ ଯାଜପୁର ରୋଡ ଏସଡିପିଓ, ବାଲିଚନ୍ଦ୍ରପୁର ଥାନାଧିକାରୀ ଓ ଜଣେ ମାଜିଷ୍ଟ୍ରେଟ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ। ଦାବିପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲୁ ରହିବ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଜମିଜମାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ

ଗୋପାଳପୁର,୮।୮(ଡି.ଏନ.ଏ.): ଜମିଜମା ବିବାଦକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ରବିବାର ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ ମଦନମୋହନପୁର ଗ୍ରାମର ଡି.ଆଡେୟା ପାତ୍ରଙ୍କ ଏକ ଜାଗାକୁ ଦୀର୍ଘ ଦିନ ହେଲା ଦୁଇ ପୋଡାଶୀ ଜବରଦଖଲ କରି ରଖିଥିଲେ। ଏ ନେଇ ଆଡେୟା ଓ ପଡ଼ୋଶୀଙ୍କ ମଧରେ ବିବାଦ ଲାଗି ରହିଥିଲା। ଏହା ପରେ ଆଡେୟା ଜବରଦଖଲ ଜାଗାକୁ ରାଜସ୍ୱ ଅଧିକାରୀମାନଙ୍କୁ ଆଣି ମାପ ଚୁପ କରିଥିଲେ। ପରେ ଉକ୍ତ ଜାଗାଟି ଆଡେୟାଙ୍କ ବୋଲି ଜଣାପଡିଥିଲା। ଜାଗାକୁ ଦଖଲ କରିଥିବା ଦୁଇ ଜଣ ବ୍ୟକ୍ତି ଗତ ୬ ତାରିଖରେ ଛାଡି ଦେବି ବୋଲି ଆଡେୟାଙ୍କୁ କହିଥିଲେ। ହେଲେ ମଧ ଉକ୍ତ ଜାଗାକୁ ଛାଡି ନ ଥିଲେ। ପରେ ଆଡେୟା କାହିଁକି ଜାଗା ଛାଡିଲନି ବୋଲି ଦୁଇ ଜଣଙ୍କୁ ପଚାରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ଉଭୟ ମିଶି ଆଡେୟାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ପରିବାର ଲୋକ ଆସି ଆଡେୟାଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ଆଡେୟାଙ୍କ ଏତଲା କ୍ରମେ ଗୋଳନ୍ଥରା ପୋଲିସ ନଂ .୨୧୫ /୨୧ରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ନୂଆ ଆଶାକର୍ମୀ ନିଯୁକ୍ତି ଦାବି

ଚିକିଟି,୮।୮(ଡି.ଏନ.ଏ.): ଚିକିଟି ବ୍ଲକ ନୂଆପଡ଼ା ପଞ୍ଚାୟତ ନୂଆପଡା ଗ୍ରାମର ୩ ଏବଂ ୧୦ ନମ୍ବର ୱାର୍ଡରେ ନିଯୁକ୍ତି ପାଇଥିବା ଆଶାକର୍ମୀ ଗାୟତ୍ରୀ ପଣ୍ଡା ୨ ବର୍ଷ ହେଲା ନିଜ ଦାୟିତ୍ୱ ତୁଲାଉନାହାନ୍ତି। ଏଥିସହ କାର୍ଯ୍ୟରୁ ଇସ୍ତଫା ଦେଉନାହାନ୍ତି। ଫଳରେ ସାଧାରଣରେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ଗାୟିତ୍ରୀଙ୍କ ବଦଳରେ ନୂତନ ଆଶାକର୍ମୀଙ୍କୁ ନିଯୁକ୍ତି ଦିଆଯାଉ ବୋଲି ନୂଆପଡା ସରପଞ୍ଚ ଏସ.ମମତା ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ପତ୍ର ଲେଖିଛନ୍ତି।

### ଭାଜପା ନଗର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

ଆସିକା,୮।୮(ଡି.ଏନ୍.ଏ.): ଆସିକା ଏନଏସିର ରଘୁନାଥନଗରଠାରେ ରବିବାର ଭାଜପା ଆସିକା ନଗର ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ନିରଞ୍ଜନ ଆଚାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ବିଧାୟକ ଦେବରାଜ ମହାନ୍ତି, ଘୁମୁସର ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମଧୁସ୍ମିତା ପୋଲାଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୂର୍ଯ୍ୟନାରାୟଣ ଦାସ, ଅରୁଣ ପଣ୍ଡା, ନାରାୟଣ ବେହେରା, ବିଦ୍ୟାନ୍ତ ଚର୍ଚ୍ଚି ଓ ମଣ୍ଡଳ ପ୍ରଭାରୀ ଶିଶିର ମିଶ୍ର ପ୍ରମୁଖ ଯୋଗଦେଇ ଆଗାମି ପୌର ନିର୍ବାଚନ ପୂର୍ବରୁ ଦଳର ସାଙ୍ଗଠନିକ ସ୍ଥିତିକୁ ଅଧିକ ଦୃଢ କରିବା ଲାଗି ଆଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନାଭିମୁଖୀ କାର୍ଯ୍ୟକ୍ରମରେ ସମ୍ପର୍କରେ ସାଧାରଣରେ ସଚେତନ କରିବାକୁ ମଧ ବୈଠକରେ ଆଲୋଚନା ହୋଇଥିଲା।

# ଗଞ୍ଜାମରେ ଚିହ୍ନଟ ହେଲେଣି ୪ ଡେଙ୍ଗୁ ରୋଗୀ

ବ୍ରହ୍ମପୁର ଅଫିସ,୮।୮

ଗଞ୍ଜାମ ଜିଲାରେ ପୁଣି ୨ ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇଲେ ଜିଲାରେ ଏ ପର୍ଯ୍ୟନ୍ତ ୪ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହେଲେଣି ବୋଲି ଜିଲା ମ୍ୟାଲେରିଆ ଅଧିକାରୀ ଡା.ସନ୍ତୋଷ ପାଢ଼ୀ ସୂଚନା ଦେଇଛନ୍ତି। କେଲୁଆପଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କରାପଲ୍ଲୀ ଅଞ୍ଚଳର ଜଣେ ଅବସରପ୍ରାପ୍ତ ସାମରିକ କର୍ମଚାରୀ ଡେଙ୍ଗୁ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସେ ଭୁବନେଶ୍ୱରରୁ ଫେରିଥିଲେ। କିଛିଦିନ ତଳେ ତାଙ୍କୁ ଜ୍ୱର ହୋଇଥିଲା। ଗତ ୬ ତାରିଖରେ ଏମ୍‌କେସିଜି ମେଡିକାଲକୁ ଚିକିତ୍ସା ପାଇଁ ଯାଇଥିଲେ।

ଡାକ୍ତରଙ୍କ ନିର୍ଦ୍ଦେଶକ୍ରମେ ତାଙ୍କର ଡେଙ୍ଗୁ ପରୀକ୍ଷା କରାଯାଇଥିଲା। ପରେ ତାଙ୍କର ନମୁନା ପଜିଟିଭ୍ ଆସିଛି। ସେ ଏବେ ଘରେ ଏକାକୀ ରହି ଚିକିତ୍ସିତ ହେଉଛନ୍ତି। ଖବରପାଇ ଜିଲା ମ୍ୟାଲେରିଆ ଅଧିକାରୀ ଓ ତାଙ୍କ ଟିମ୍ କରାପଲ୍ଲୀଗାଁକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ସେ ବର୍ତ୍ତମାନ ସୁସ୍ଥ ଅଛନ୍ତି।


ଆସିକା ଏରୋଗୋଲା ବସ୍ତିରେ ଲୋକଙ୍କୁ ସଚେତନ କରାଯାଉଛି।

## ଆସିକା ଏନ୍‌ଏସିରେ ପ୍ରଥମ ଆକ୍ରାନ୍ତ

ସେହିପରି ରବିବାର ସକାଳେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀଙ୍କ ନେତୃତ୍ୱରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସେକ୍ଟର ସୁପରଭାଇଜର, ଆଶା, ଅଙ୍ଗନୱାଡି, ସ୍ୱାସ୍ଥ୍ୟକର୍ମୀ ଉକ୍ତ ଗ୍ରାମକୁ ଯାଇ ଡେଙ୍ଗୁ ସମ୍ପର୍କରେ ସଚେତନ କରିଥିଲେ। ଉକ୍ତ ଗାଁର ସ୍ଥିତି ସମ୍ପର୍କରେ ସଂଗୃହୀତ ତଥ୍ୟକୁ ସନ୍ଧ୍ୟାରେ ମ୍ୟାଲେରିଆ ଅଧିକାରୀଙ୍କ ନିକଟରେ ଦାଖଲ କରିଥିବା ଜଣାପଡ଼ିଛି।

ସେହିପରି ଆସିକା ଏନ୍‌ଏସିର ୮ ନଂ. ୱାର୍ଡ ଗଣ୍ଡପଲ୍ଲୀ ଏରୋଗୋଲା ବସ୍ତିରେ ଜଣେ ମହିଳା ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ୫/୬ ଦିନ ହେଲା ସେ ଜ୍ୱରରେ ପୀଡ଼ିତ ହେବାରୁ ଶୁକ୍ରବାର ତାଙ୍କୁ ଆସିକା ଡାକ୍ତରଖାନାକୁ ନିଆଯାଇଥିଲା । ତେବେ ସେଠାରୁ ଔଷଧ ଆଣିବା ପରେ ଶୁକ୍ରବାର ସନ୍ଧ୍ୟାରେ ପୁଣି ଜ୍ୱର ଆସିବାରୁ ଶନିବାର ବ୍ରହ୍ମପୁର ବଡମେଡିକାଲକୁ ଅଧିକ ଚିକିତ୍ସା ଲାଗି ନିଆଯାଇଥିଲା । ବଡ ମେଡିକାଲରେ ସଂପୃକ୍ତ ମହିଳାଙ୍କ ରକ୍ତ ନମୁନା ପରୀକ୍ଷା ଲାଗି ରଖିବା ପରେ ଘରକୁ ଫେରି ଆସିଥିଲେ । ସନ୍ଧ୍ୟାରେ ଡାକ୍ତରଖାନା ପକ୍ଷରୁ ସେ ଡେଙ୍ଗୁରେ ଆକ୍ରାନ୍ତ ଥିବା ସୂଚନା ମିଳିଥିଲା । ରବିବାର ସକାଳେ ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ଆସିକା ଏନଏସି ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଟେଟେ, ସ୍ୱାସ୍ଥ୍ୟ ବିଭାଗର ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ସାଗରିକା ମିଶ୍ର ପ୍ରମୁଖ ଉକ୍ତ ବସ୍ତିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଜନସାଧାରଣ ପରିବେଶ ପରିଛନ୍ନ ରଖିବା, ମଶାରୀ ବାନ୍ଧି ଶୋଇବା ଆଦି ସଚେତନ କରାଯାଇଛି । ଏ ସମ୍ପର୍କରେ ଏନଏସି ନିର୍ବାହୀ ଅଧିକାରୀ ଟେଟେଙ୍କୁ ପଚାରିବାରେ ଏନଏସି ପକ୍ଷରୁ ଗତ ୪ ଦିନ ହେଲା ସହରାଞ୍ଚଳରେ ମଶାମରା ଧୂଆଁ ଛଡାଯାଉଛି। ସୋମବାର ସଂପୃକ୍ତ ବସ୍ତିରେ ୱାର୍ଡ କମିଟି ବୈଠକ କରାଯାଇ ସଚେତନ ସହ ପର୍ଯ୍ୟାୟ କ୍ରମେ ବିଭିନ୍ନ ୱାର୍ଡରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି କହିଛନ୍ତି ।

# 'ପକ୍ଷୀ' ଶୀର୍ଷକ କବିତା ପାଠ, ଆଲୋଚନାଚକ୍ର

ନୟାଗଡ଼ ଅଫିସ,୮।୮

ନୟାଗଡ଼ ଜିଲାର କବୟିତ୍ରୀମାନଙ୍କୁ ନେଇ କଳା, ସାହିତ୍ୟ , ସଂସ୍କୃତି ଅନୁଷ୍ଠାନ ତଥାସ୍ତୁ ତରଫରୁ ରବିବାର 'ପକ୍ଷୀ' ଶୀର୍ଷକ କବିତା ପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସୁସାହିତ୍ୟିକା ବସିରନ୍ ବିବିଙ୍କ ସଭାପତିତ୍ୱ ଓ ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗାଳ୍ପିକା ଚିରଶ୍ରୀ ଇନ୍ଦ୍ରସିଂ ଯୋଗଦେଇ ପକ୍ଷୀ ବିଷୟରେ ବିଶଦ୍ ଆଲୋଚନା କରିଥିଲେ। ବକ୍ତାମାନେ ଦର୍ଶାଇଥିଲେ ଭାରତୀୟ ସଂସ୍କୃତି ହେଉ କି ଓଡ଼ିଶାର ଜନଜୀବନ ସବୁଠି 'ପକ୍ଷୀ'ର ସ୍ଥାନ ସ୍ୱତନ୍ତ୍ର । ବେଦ, ପୁରାଣ,ଉପନିଷଦଠାରୁ ଆରମ୍ଭକରି ବର୍ତ୍ତମାନ ସାହିତ୍ୟ ପର୍ଯ୍ୟନ୍ତ ପକ୍ଷୀକୁ ନେଇ ଅଜସ୍ର ରଚନା ଦେଖିବାକୁ ମିଳେ । କୋଇଲି ଗୀତ ଓଡ଼ିଆ ସାହିତ୍ୟର ଅନ୍ୟତମ ସମୃଦ୍ଧ ବିଭବ । ପୁରାଣ ଓ ଇତିହାସରେ ପାରା କୁ ବାର୍ତ୍ତା ବାହାକ ଭାବେ ବ୍ୟବହାର କରାଯାଉଥିଲା ବୋଲି ବକ୍ତାମାନେ ଆଲୋକପାତ କରିଥଲେ। ନୟାଗଡ଼ ଓ ନୟାଗଡ଼ ବାହାରେ ରହୁଥିବା ଜିଲାର କବୟିତ୍ରୀ ସରୋଜିନୀ ଇନ୍ଦ୍ରସିଂହ,ଗୀତାଶ୍ରୀ ପ୍ରିୟମ୍ବଦା, ପ୍ରଜ୍ଞା ପାରମିତା ରଥ, ସୁଦୀପ୍ତାରାଣୀ ବିଶ୍ୱାଳ,ସୌଦାମିନୀ ସ୍ୱାଇଁ, ବିଶ୍ୱାସିନୀ ମିଶ୍ର, ସୁକାନ୍ତି ମହାନ୍ତି, ଶ୍ରାବଣୀ ନାଥ,ମମତା ମଞ୍ଜରୀ ଦେବୀ, ସବିତା ଶୁକ୍ଳା, ହରପ୍ରିୟା ଦ୍ୱିବେଦୀ,କ୍ଷଣପ୍ରଭା କର, ଦୀପାଳୀ ପଟ୍ଟନାୟକ, ରେଣୁବାଳା ଦାସ ପ୍ରମୁଖ କବିତା ପାଠ କରିଥିଲେ ।

# ଗୋପାଳପୁର ବେଳାଭୂମିରେ ପ୍ରବଳ ଭିଡ଼

## କୋଭିଡ୍ ନିୟମ ଖୋଲାଖୋଲି ଉଲ୍ଲଂଘନ


ଗୋପାଳପୁର ବେଳାଭୂମିରେ ଜନଗହଳି ।

ବ୍ରହ୍ମପୁର ଅଫିସ,୮।୮

କରୋନା ସଂକ୍ରମଣ ତଳମୁହାଁ ହେବା ପରେ ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ପର୍ଯ୍ୟାୟ କ୍ରମେ ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି କ୍ରମରେ ଅଗଷ୍ଟ ୧ରୁ ଗଞ୍ଜାମ ଜିଲାରେ ମନ୍ଦିର, ପାର୍କ, ବେଳାଭୂମି ପ୍ରଭୃତି ସାର୍ବଜନୀନ ସ୍ଥାନକୁ କୋଭିଡ୍ ନିୟମ ମଧରେ ଲୋକଙ୍କ ପ୍ରବେଶକୁ ଅନୁମତି ଦିଆଯାଇଥିଲା। କିନ୍ତୁ ରବିବାର ଗୋପାଳପୁର ବେଳାଭୂମିରେ ଜିଲା ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା କୋଭିଡ୍ କଟକଣାକୁ ପର୍ଯ୍ୟଟକ ମାନୁ ନ ଥିବା ଦେଖାଯାଇଛି। ବେଳାଭୂମି ଖୋଲିବା ପରେ ରବିବାର ଅପରାହ୍ନ ୩ଟାରୁ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ହୋଇଥିଲା। ବିନା ମାସ୍କରେ ସାମାଜିକ ଦୂରତା ଭୁଲି ମନଇଚ୍ଛା ପର୍ଯ୍ୟଟକ ବେଳାଭୂମିରେ ବୁଲିବା ସହ ଗୋପାଳପୁର ସମୁଦ୍ରରେ ଗାଧୋଇବା ମଜା ନେଉଥିବା ଦେଖାଯାଇଛି। ଗୋପାଳପୁର ବ୍ୟତୀତ ନିକଟସ୍ଥ ହରିପୁରଠାରେ ମଧ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ସ୍ଥାନୀୟ ଏନ୍‌ଏସି କର୍ତ୍ତୃପକ୍ଷ ଏସବୁ ଜାଣିବା ପରେ ମଧ ପର୍ଯ୍ୟଟକଙ୍କୁ ତାଗିଦ କରିବା ବଦଳରେ ନିଦାବିଷ୍ଟ ସାଜିଛନ୍ତି।

# ସଂସ୍ଥା ମାଲିକ ତାମିଲନାଡୁରୁ ଗିରଫ

ବ୍ରହ୍ମପୁର ଅଫିସ,୮।୪

ବିଦେଶରେ ଚାକିରି ଦେବା ନାଁରେ ଜିଲାର ବିଭିନ୍ନ ଆଶାୟୀ ଯୁବତୀଯୁବକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକେଇ କରିଥିବା ନିୟୁ ଲାଇଫ ୱେ ଭିସା କନ୍‌ସଲଟାନ୍ସି ପ୍ରାଇଭେଟ ଲିମିଟେଡ ସଂସ୍ଥା ମାଲିକ ସୁବ୍ରମଣ୍ୟନ୍ ଭିରାସ୍ୱାମୀଙ୍କୁ ତାମିଲନାଡୁ କୁଡଲୋର ଜିଲା ଟିଟାକୁଡ଼ି ଥାନା ଅନ୍ତର୍ଗତ ଫେରିଆର ନଗରରୁ ଗତ ୬ ତାରିଖରେ ପୋଲିସ ଗିରଫ କରିଛି। ଅଭିଯୁକ୍ତଙ୍କୁ ସ୍ଥାନୀୟ ଟିଟାକୁଡ଼ି ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର କରି ୩ଦିନିଆ ଟ୍ରାଞ୍ଜିଟ ରିମାଣ୍ଡରେ ବ୍ରହ୍ମପୁର ଆଣିଥିଲା। ରବିବାର ତାଙ୍କୁ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ମାଳଦ୍ୱୀପ ଓ ବୃନେଇ ଭଳି ଦେଶରେ ଗ୍ରୁପ୍ ଅଫ କମ୍ପାନୀ ଓ ହୋଟେଲରେ ଚାକିରି ଦେବା ନାଁରେ ସେ ଟଙ୍କା ଠକେଇ କରିଥିବା ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ବେଳେ ସେଠାରେ ଥିବା ତାଙ୍କ ଆକ୍ସିସ୍ ବ୍ୟାଙ୍କ ଆକାଉଣ୍ଟକୁ ବନ୍ଦ କରିଛି। ଗୋଟିଏ ଲାପ୍‌ଟପ୍, ୨ଟି ମୋବାଇଲ, ୨୭ ନକଲି ଭିଜା,ପ୍ୟାନ୍ କାର୍ଡ ଓ ବିଭିନ୍ନ ପରିଚୟପତ୍ର ଜବତ କରିଥିବା ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ ଏକ ପ୍ରେସ୍‌ନୋଟ୍‌ରେ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ହର୍ଷବିହାରର ମାନସ ରଞ୍ଜନ ମହାନ୍ତି ଏକ ନିର୍ଦ୍ଦିଷ୍ଟ ୱେବ୍‌ସାଇଟ୍‌ରେ ବିଦେଶରେ ଚାକିରି ଅଫର ପାଇଥିଲେ। ସେ ସମ୍ପୃକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରି ଆବେଦନ କରିଥିଲେ। ତାଙ୍କୁ ମାଳଦ୍ୱୀପରେ ଚାକିରି ମିଳିବ ବୋଲି କୁହାଯାଇଥିଲା। କାଗଜପତ୍ର ପାଇଁ ତାଙ୍କୁ ଟଙ୍କା ମଗା ଯାଇଥିଲା। ସେ ଦୁଇଟି ପର୍ଯ୍ୟାୟରେ ପ୍ରାୟ ୧ଲକ୍ଷ ୨୫ ହଜାର ଜମା କରିଥିଲେ। କିଛି ମାସ ପରେ ତାଙ୍କ ନିକଟକୁ ନିଯୁକ୍ତିପତ୍ର, ଭିଜା, ପାସ୍‌ପୋର୍ଟ ଆସିଥିଲା। କିନ୍ତୁ ଯାଞ୍ଚ ପରେ ତାହା ନକଲି ବୋଲି ଜଣାପଡ଼ିଥିଲା। ଏ ନେଇ ଯୁବକ ଜଣକ କମ୍ପାନୀ ମୁଖ୍ୟ ସଞ୍ଜୟ କୁମାର ଜେନାଙ୍କ ସହିତ ଯୋଗାଯୋଗ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ତାଙ୍କୁ ବିଭିନ୍ନ ଧମକଚମକ ମିଳିଥିଲା। ଏଣୁ ସେ ମାର୍ଚ୍ଚ ୩୧ରେ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ। ନମ୍ବର ୭୩/୨୧ରେ ମାମଲା ରୁଜୁ କରି ଭୁବନେଶ୍ୱର ନୟାପଲ୍ଲୀରୁ ଏହି ଠକେଇ ର୍ୟାକେଟର ମୁଖ୍ୟ ସଞ୍ଜୟ କୁମାର ଜେନାଙ୍କୁ ଗିରଫ କରିଥିଲା।

- ଚାକିରି ନା'ରେ ଠକେଇ ଘଟଣା
- ରିମାଣ୍ଡରେ ଆଣି ଏସ୍‌ଡ଼ିଜେଏମ୍ କୋର୍ଟରେ ହାଜର


ଠକେଇ ମାମଲାରେ ଗିରଫ ସଂସ୍ଥା ମାଲିକ।

### ମହିଳାଙ୍କୁ ଟଣାଓଟରା, ହତ୍ୟା ଧମକ ଅଭିଯୋଗ

ଗୋପାଳପୁର,୮।୮(ଡି.ଏନ.ଏ.)

ଜଣେ ଅସହାୟ ମହିଳାଙ୍କୁ ଟଣାଓଟରା ସହ ଗାଳିଗୁଲଜ ଓ ହତ୍ୟା ଧମକ ଦିଆଯାଇଥିବା ନେଇ ରବିବାର ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ହଳଦିଆପଦର ଗ୍ରାମର ମହିଳା ଜଣକ ବାପଘରେ ରହୁଥିଲେ। ଉକ୍ତ ଗ୍ରାମର ଜଣେ ଯୁବକ ତାଙ୍କୁ ରାସ୍ତାରେ ଦେଖି ହଇରାଣ କରିବା ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। ଗତ ୬ ତାରିଖରେ ମହିଳା ଜଣକ ଘରେ ଥିବା ସମୟରେ ସମ୍ପୃକ୍ତ ଯୁବକ ତାଙ୍କ ଘରକୁ ଯାଇ ଶାରୀରିକ ସମ୍ପର୍କ ରଖିବାକୁ କହିବା ସହ ଟଣାଓଟରା କରିଥିଲେ। ମହିଳାଙ୍କ ପାଟି ଶୁଣି ମା' ବାପା ଆସି ଉଦ୍ଧାର କରିଥିଲେ। ମହିଳାଙ୍କ ଏତଲା କ୍ରମେ ଗୋଳନ୍ଥରା ପୋଲିସ ନଂ. ୨୧୪/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### କ୍ରିକେଟ ସଟ୍ଟା ବାଜିରେ ମାତିଛନ୍ତି ଯୁବଗୋଷ୍ଠୀ

ଗଞ୍ଜାମ,୮।୮(ଡି.ଏନ.ଏ.)

ଗଞ୍ଜାମ ସହରରେ କ୍ରିକେଟ ସଟ୍ଟା ବାଜିରେ ମାତିଛନ୍ତି ଯୁବଗୋଷ୍ଠୀ। ଲକ୍ଷ ଲକ୍ଷ ଟଙ୍କା ବାଜି ପଡୁଛି। ସଟ୍ଟା ଖେଳର ମାଷ୍ଟରମାଇଣ୍ଡ ଲକ୍ଷାଧିକ ଟଙ୍କା ପାଉଥିବା ବେଳେ ହାରୁଥିବା ଯୁବକମାନେ ଚରମ ନିଷ୍ପତ୍ତି ନେଉଛନ୍ତି। ପୋଲିସ ସାମାନ୍ୟ ସୁରାକ ପାଇପାରୁନି। ଜିଲା ବାହାରୁ ମଧ ଯୁବକ ଅନଲାଇନରେ ଏହି କ୍ରିକେଟ ସଟ୍ଟା ବାଜିରେ ଟଙ୍କା ଲଗାଉଛନ୍ତି। ସହରର ମୁଷ୍ଟିମେୟଙ୍କ ଛତ୍ରଛାୟା ତଳେ ରହି ଏହି ଖେଳ ପରିଚାଳନା କରାଯାଉଥିବା ଅଭିଯୋଗ ହୋଇଛି। ଆଉ କିଛି ଦିନ ପରେ ଆଇପିଏଲ୍ ମ୍ୟାଚ ହେବ। ଏଥିରେ ଯୁବ ଗୋଷ୍ଠୀ ବିମୋହିତ ହେବା ସମ୍ଭାବନା ରହିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଶିଶୁରୋଗ ବିଶେଷଜ୍ଞ ନିଯୁକ୍ତି ଦାବି

ବୁଗୁଡ଼ା,୮।୮(ଡି.ଏନ.ଏ.)

ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶିଶୁରୋଗ ବିଶେଷଜ୍ଞ ନ ଥିବାରୁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶିଶୁଙ୍କୁ ସାମାନ୍ୟ ଥଣ୍ଡା, କାଶ, ଝାଡା ଆଦି ହେଲେ ଅଭିଭାବକମାନେ ବେଲଗୁଣ୍ଠା କିମ୍ବା ବ୍ରହ୍ମପୁର ନେବାକୁ ବାଧ ହେଉଛନ୍ତି। ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ଜଣେ ସ୍ତ୍ରୀ–ରୋଗ ବିଶେଷଜ୍ଞଙ୍କୁ ଛାଡିଦେଲେ ଶିଶୁରୋଗ ବିଶେଷଜ୍ଞ, ଶଲ୍ୟ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ ପଦବୀ ଖାଲି ପଡ଼ିଛି। ତା' ଛଡା ୩ଜଣ ଏମ୍‌ବିବିଏସ୍ ଡାକ୍ତର ରହିବା ନିୟମ ଥିବା ବେଳେ ଜଣେ ମାତ୍ର ଅଛନ୍ତି। ଏଠାରେ ଫାର୍ମାସିଷ୍ଟ ପଦବୀ ମଧ ୨ ବର୍ଷ ହେଲା ଖାଲିପଡିଛି। ବୁଗୁଡ଼ାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହେବା ଦିନଠୁଁ ଏଠାରେ କୌଣସି ଶିଶୁରୋଗ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ହୋଇନାହାନ୍ତି। ଫଳରେ ଦୀର୍ଘବର୍ଷ ହେଲା ବୁଗୁଡ଼ା ବ୍ଲକର ହଜାର ହଜାର ଶିଶୁ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ଚିକିତ୍ସା ସୁବିଧା ଅଭାବରୁ ଅନେକ ଶିଶୁଙ୍କ ଜୀବନ ମଧ ଯାଉଥିବା ଅଭିଯୋଗ ହେଉଛି। କରୋନାର ତୃତୀୟ ଲହରରେ ଶିଶୁମାନେ ଅଧିକ ପ୍ରଭାବିତ ହେବା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରି ସାରିଥିବା ବେଳେ ଏଠାରେ ଜଣେ ଶିଶୁରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିନା ଭକ୍ତରେ ତାରାତାରିଣୀଙ୍କ ଚିତାଲାଗି

## ରାଜ ରାଜେଶ୍ୱରୀ ବେଶରେ ଝଲସିଲେ ଦୁଇ ଭଉଣୀ

ପୁରୁଷୋତ୍ତମପୁର,୮।୮(ଡି.ଏନ.ଏ.)

ମା' ତାରାତାରିଣୀଙ୍କଠାରେ ବିନା ଭକ୍ତରେ ଚିତାଲାଗି ହୋଇଛି। ଭୋର ସାଢ଼େ ୪ରୁ ଦ୍ୱାର ଫିଟା ଯାଇ ମଙ୍ଗଳ ଆଳତି, ଅବକାଶ, ପଞ୍ଚ ସୂତିରେ ଅଭିଷେକ, ମାଜଣା, ସିଙ୍ଗାର ହୋଇ ମା' ତାରାତାରିଣୀ ଦୁଇ ଭଉଣୀଙ୍କୁ ରାଜ ରାଜେଶ୍ୱରୀ ବେଶରେ ସଜ୍ଜିତ କରାଯାଇ ଚିତାଲାଗି ହୋଇଥିଲା। କରୋନା କଟକଣା ଯୋଗୁ ମନ୍ଦିର ପରିସର ଜନଶୂନ୍ୟ ହୋଇପଡିଛି। ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଡୀଙ୍କ ତତ୍ତ୍ୱାବଧାନରେ ସେବାୟତ ତପନ କୁମାର ରଣା, ବାପୁଜୀ ରଣାଙ୍କ ସମେତ ସମସ୍ତ ସେବାୟତ ପରମ୍ପରା ଅନୁସାରେ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ।





ବୈଠକରେ ଉପସ୍ଥିତ ରଙ୍ଗତୁଳି ଚିତ୍ରକର ମହାସଂଘ କର୍ମକର୍ତ୍ତା ଓ ସଦସ୍ୟ ।

# ଜିଲା ରଙ୍ଗତୂଳୀ ଚିତ୍ରକର ମହାସଂଘ ବୈଠକ

## ଚିତ୍ରକରଙ୍କୁ ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା ଦାବି

ବ୍ରହ୍ମପୁର ଅଫିସ,୮।୮

ଗଞ୍ଜାମ ଜିଲା ରଙ୍ଗତୂଳୀ ଚିତ୍ରକର ମହାସଂଘ ବୈଠକ ବ୍ରହ୍ମପୁରରେ ରବିବାର ଅନୁଷ୍ଠିତ ହୋଇଯାଇଛି। କରୋନା ମହାମାରୀ ଯୋଗୁ ଗତ ବର୍ଷରୁ ଚିତ୍ରକରଙ୍କ ଆର୍ଥିକ ସ୍ଥିତି ବିଗିଡ଼ି ଯାଇଛି ଏବଂ ପରିବାର ପୋଷଣ ସଂଗୀନ ହୋଇଯାଇଥିବା ବେଳେ ସରକାରୀ ସହାୟତା ମିଳୁନଥିବା ଅଭିଯୋଗ ହୋଇଛି। ତେଣୁ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା ପାଇଁ ଦାବି କରାଯାଇଛି। ବୈଠକରେ କଂଗ୍ରେସ ଶ୍ରମିକ ସଂଗଠନ ଆଇଏନଟିୟୁସି ଜିଲା ସଭାପତି ଆଇନଜୀବୀ ପୀତବାସ ପଣ୍ଡା ଯୋଗଦେଇ ମହାସଂଘର ନ୍ୟାର୍ଯ୍ୟ ଦାବିକୁ ସମର୍ଥନ କରିଥିଲେ। ଅପରପକ୍ଷରେ ରଂଗତୁଳି ଚିତ୍ରକରଙ୍କୁ ଶ୍ରମିକ ଭାବେ ଘୋଷଣା କରି ସେମାନଙ୍କୁ ପରିଚୟପତ୍ର ପ୍ରଦାନ, ପିଲାଙ୍କ ପାଠପଢ଼ା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା, ସରକାରୀ ନିୟମାନୁସାରେ ବୀମାଭୁକ୍ତ, ବ୍ୟାଙ୍କ ଋଣ ନିମନ୍ତେ ସରଳୀକରଣ ପଦକ୍ଷେପ ନିଆଯିବା, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସୌନ୍ଦର୍ଯ୍ୟକରଣ ପାଇଁ ସରକାରୀ ଅନୁଷ୍ଠାନର କାନ୍ଥବାଡ଼ରେ ଚିତ୍ର ଆଙ୍କିବା କାର୍ଯ୍ୟ ଚିତ୍ରକରଙ୍କୁ ଦିଆଯିବାକୁ ମହାସଂଘ ଦାବି କରିଛି।

ବିଭିନ୍ନ ଆଲୋଚନାରେ ବାଳକୃଷ୍ଣ ବେହେରା, ସୁଧୀର ମହାରଣା, ଏଲ.ବାବୁଲା ପାତ୍ର, ପ୍ରଦୀପ ମହାରଣା, ଶିବ ପ୍ରସାଦ ସାହୁ, ନରସିଂହ ମହାପାତ୍ର, ପ୍ରମୋଦ ବେହେରା, ପ୍ରବୀଣ ବିଶ୍ୱାଳ ପ୍ରମୁଖ ଭାଗ ନେଇଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ନେତା ଭୋକାଲି ସେଠୀ, ଭାଗ୍ୟ ମଲିକ, ବନଜ ଶତପଥୀ, ହୀନ ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମହାସଂଘ ନୂଆ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ବାଳକୃଷ୍ଣ ବେହେରା ସଭାପତି ଏବଂ ସୁଧୀର ମହାରଣା ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ପୀତବାସ ପଣ୍ଡାଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା।

### ୨୫୬ ୟୁନିଟ ରକ୍ତ ସଂଗ୍ରହ

ଖଲ୍ଲିକୋଟ,୮।୮(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ କେଶପୁର କଲେଜ ପରିସରରେ ରବିବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ ସୁବାସ ଚନ୍ଦ୍ର ମହାରଣା, ଗଞ୍ଜାମ ବିଜେଡି ଜିଲା ସଭାପତି ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଗଞ୍ଜାମ ଜିଲା ପରିଷଦ ଅଧକ୍ଷା ସୋନମ ପଲେଇ, ବ୍ଲକ ଅଧକ୍ଷା ମିନାକ୍ଷି ସାହୁଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଖଲ୍ଲିକୋଟ ରାଣୀଙ୍କ ଜନ୍ମ ଦିନ ଅବସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ୩ ଦିନ ବ୍ୟାପି ଏହି ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶେଷ ଦିନରେ ୨୫୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବ୍ରହ୍ମପୁରରୁ ଆସିଥିବା ରେଡକ୍ରସ ଡାକ୍ତର ଓ କର୍ମକର୍ତ୍ତା ରକ୍ତ ସଂଗ୍ରହ କରିଥିଲେ। ଶ୍ରୀକୃଷ୍ଣଶରଣପୁର ସରପଞ୍ଚ ରବି ସେଠୀ, ବ୍ଲକ ଛାତ୍ର ବିଜେଡି ନେତା ରାଜୁ ତରେଇ, ରାମଚନ୍ଦ୍ର ପାହାନ, ହଜାରୀ ପ୍ରଧାନ, ସୁଶାନ୍ତ ତରେଇ, ଦଇତାରି ବେହେରା, ରାମମୋହନ ପଣ୍ଡା, ରତ୍ନାକର ସାହୁ, ଦୟାନିଧି ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ବହୁ ଯୁବକ, ଛାତ୍ର ରକ୍ତଦାନ କରିଥିଲେ।

# କାର୍ଗୋ ବିମାନବନ୍ଦର ପ୍ରତିଷ୍ଠା ଦାବି

ବ୍ରହ୍ମପୁର ଅଫିସ,୮।୮

ବ୍ରହ୍ମପୁରରେ ସବୁଦିନିଆ ଗ୍ରୀନ୍ ଫିଲ୍ଡ ଡୋମେଷ୍ଟିକ୍ ଓ କାର୍ଗୋ ବିମାନବନ୍ଦର ପ୍ରତିଷ୍ଠା ପାଇଁ ଓଡ଼ିଶା ଡେଭଲେପ୍‌ମେଣ୍ଟ ଫୋରମ୍ ଓ ବିଭିନ୍ନ ସାମାଜିକ ସଂଗଠନ ଦାବି କରିଛି। ଏ ନେଇ ରବିବାର ଫୋରମ୍ ସମେତ ଗଞ୍ଜାମ ଜିଲାର ୧୦୦ରୁ ଊର୍ଦ୍ଧ୍ୱ ସଂଗଠନ ଏଥିରେ ସାମିଲ ହୋଇ ସହରରେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରାଇଥିଲେ। ଓଡ଼ିଶା ଡେଭଲପ୍‌ମେଣ୍ଟ ଫୋରମ୍ ଓ ବିଭିନ୍ନ ସଂଗଠନ ଦୀର୍ଘଦିନ ଧରି ବ୍ରହ୍ମପୁରରେ ବିମାନ ବନ୍ଦର ପ୍ରତିଷ୍ଠାନ ପାଇଁ ଆନ୍ଦୋଳନ ଓ ଦାବିପତ୍ର ମାଧ୍ୟମରେ ରାଜ୍ୟ ସରକାର ଏବଂ ପ୍ରଶାସନ ନିକଟରେ ଦାବି ଜଣାଇ ଆସୁଛନ୍ତି। କିନ୍ତୁ ଗତ ୨ ଦିନ ତଳେ ରାଜ୍ୟ ପରିବହନ ମନ୍ତ୍ରୀ ଦେଇଥିବା ମନ୍ତବ୍ୟ ସମସ୍ତ ଜିଲାବାସୀଙ୍କୁ ଆଚମ୍ବିତ ଓ ନିରାଶ କରିଛି ବୋଲି ଫୋରମ୍ ପ୍ରକାଶ କରିଛି। ରାଜ୍ୟ ସରକାର ବ୍ରହ୍ମପୁରରେ ବିମାନ ବନ୍ଦର ପ୍ରତିଷ୍ଠାନ ପାଇଁ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ଫୋରମ୍ ପକ୍ଷରୁ ଅଭିଯୋଗ ହୋଇଛି। ଏପରିକି ୨୦୧୬ରେ ମୁଖ୍ୟମନ୍ତ୍ରୀ ରଙ୍ଗେଇଲୁଣ୍ଡାରେ ବିମାନ ବନ୍ଦର ପାଇଁ ଭୂମି ପୂଜନ କରିଥିଲେ। କିନ୍ତୁ ଅଦ୍ୟାବଧି ଗୋଟିଏ ପଥର ପଡ଼ି ନ ଥିବା ଫୋରମ୍ ଅଭିଯୋଗ କରିଛି। ଏଥିସହ ଭୁବନେଶ୍ୱରକୁ ସଂଯୋଗ ନାମରେ କିଛିଦିନ ରଙ୍ଗେଇଲୁଣ୍ଡାରୁ ବିମାନ ଚାଲିଥିଲା। କିନ୍ତୁ ତାହା ବି ସଫଳ ହୋଇପାରିଲା ନାହିଁ। ଜିଲାବାସୀଙ୍କୁ ବାରମ୍ବାର ଠକିବା ଦୁର୍ଭାଗ୍ୟଜନକ ବୋଲି ଫୋରମ୍ କହିଛି। ଏଣୁ ବ୍ରହ୍ମପୁରଠାରେ ସବୁଦିନିଆ ବନ୍ଦର ପ୍ରତିଷ୍ଠା ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି। କାର୍ଯ୍ୟକ୍ରମରେ ଫୋରମ୍ ଉପସଭାନେତ୍ରୀ ବବିତା ପାତ୍ର, ଲକ୍ଷ୍ମୀ ନାରାୟଣ ପାଢୀ, ସୌମେଶ୍ୱର ରାଓ, ମଧୁସୂଦନ ସାହୁ ଓ ବାଳକୃଷ୍ଣ ସାମନ୍ତରାୟଙ୍କ ସମେତ ବହୁ ସାମାଜିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କର୍ମକର୍ତ୍ତା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୯ ଅଗଷ୍ଟ, ୨୦୨୧



**ପୁଣି ୫୬ ଜଣ କରୋନା ଆକ୍ରାନ୍ତ**

**ନୟାଗଡ଼ ଅଫିସ:** ରବିବାର ନୟାଗଡ଼ ଜିଲାରେ ୫୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରୁ ଭାପୁର ବ୍ଲକରେ୨, ଦଶପଲ୍ଲା ବ୍ଲକରେ ୧, ଗଣିଆ ବ୍ଲକରେ ୧, ଖଣ୍ଡପଡା ବ୍ଲକରେ ୧୨, ନୟାଗଡ଼ ବ୍ଲକରେ ୧୦, ନୂଆଗାଁ ବ୍ଲକରେ ୫, ଓଡଗାଁ ବ୍ଲକରେ ୫, ରଣପୁର ବ୍ଲକ ୬ ଓ ନୟାଗଡ଼ ପୌରାଞ୍ଚଳରୁ ୧୪ ଜଣ ଚିହ୍ନଟ ହୋଇଛନ୍ତି । ଏହି ସଂଖ୍ୟାକୁ ମିଶାଇ ୨ୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫ ହଜାର ୮୧୬ ରେ ପହଞ୍ଚିଛି ।

## ସଂକ୍ଷେପରେ

### ମୋ ସ୍କୁଲ ଅଭିଯାନ କମିଟି ବୈଠକ

**ଖଣ୍ଡପଡ଼ା,୮।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ନୀଳମାଧବ ନୋଡାଲ ବିଦ୍ୟାପୀଠ ମୋ ସ୍କୁଲ ଅଭିଯାନ କମିଟିର ଏକ ବୈଠକ ଶନିବାର ବିଦ୍ୟାଳୟର ଶ୍ରେଣୀଗୃହରେ ଅନୁଷ୍ଠିତ ହୋଇଯାଇଛି । କମିଟି ସଭାପତି ଡ. ଅର୍ଜୁନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍କୁଲର ପ୍ରଧାନ ଶିକ୍ଷକ ତଥା କମିଟି ସମ୍ପାଦକ ମନୋଜ କୁମାର ନାୟକ ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ। ମୋ ସ୍କୁଲ ଅଭିଯାନ ଯୋଜନାରେ ସଂଗୃହୀତ ଅର୍ଥ ବିନିଯୋଗ କରିବା, ଭାଙ୍ଗି ପଡ଼ିଥିବା ଶ୍ରେଣୀଗୃହର ମରାମତି, କମ୍ପ୍ୟୁଟର ଗୃହରେ ଆବଶ୍ୟକ ସାମଗ୍ରୀ ଯୋଗାଣ ଓ ବିଦ୍ୟାପୀଠ ପରିସରରେ ସିସି ଟିଭି କ୍ୟାମେରା ଲଗାଯିବା ନିମନ୍ତେ ଆଲୋଚନା କରାଯାଇଥିଲା। ବିଦ୍ୟାପୀଠର ବିକାଶ ପାଇଁ ପୁରାତନ ଛାତ୍ରମାନଙ୍କ ଏକ ସମାବେଶ ଆସନ୍ତା ଦଶହରା ଛୁଟିରେ କରିବା ଲାଗି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। କମିଟି ସଦସ୍ୟ ପ୍ରଭାକର ସିରୋମନି, ଅଖିଳ କୁମାର ମହାରଣା, ରାମଚନ୍ଦ୍ର କାଣ୍ଡି, ସୁରେନ୍ଦ୍ର ନାଥ ସାହୁ, ଶ୍ରୀପତି ମହାରଣା, ରାଜ କିଶୋର ସାହୁ, ସରୋଜ କୁମାର ମିଶ୍ର, ପ୍ରଫୁଲ୍ଲ କୁମାର ମିଶ୍ର, ଦିଲୀପ କୁମାର ସାହୁ, ପ୍ରଦ୍ୟୁମ୍ନ କୁମାର ମହାରଣା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

### ବରିଷ୍ଠ ନାଗରିକଙ୍କ ସ୍ମୃତିସଭା

**ଖଣ୍ଡପଡ଼ା, ୮।୮(ସ୍ୱ.ପ୍ର.):** କଣ୍ଟିଲୋ ଓ ତା'ର ଆଖପାଖ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ମିଶ୍ର ଓ ଅବସରପ୍ରାପ୍ତ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ବିୟୋଗରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଏକ ସ୍ମୃତିସଭା କୃଷ୍ଣଚନ୍ଦ୍ରପୁରପାଟଣାସ୍ଥିତ ମା'ମଙ୍ଗଳାଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଅଖିଳ କୁମାର ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ନୀରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ଉଜ୍ଜ୍ୱଳ ମହାରଣା, ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାରଣା, ପ୍ରଭାକର ସିରୋମନି, ସୁରେନ୍ଦ୍ର ନାଥ ସାହୁ, ରାମଚନ୍ଦ୍ର କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

### ସାମାଜିକ କର୍ମୀଙ୍କ ପରଲୋକ

**ନୟାଗଡ଼ ଅଫିସ,୮।୮:** ଓଡଗାଁ ବ୍ଲକ କୁରାଳ ଗାଁର ସାମାଜିକ କର୍ମୀ ବଂଶୀଧର ପ୍ରଧାନଙ୍କ ପରଲୋକ ହୋଇଯାଇଛି । ତାଙ୍କୁ ୮୦ ବର୍ଷ ହୋଇଥିଲା । ଅବିବାହିତ ବଂଶୀଧର ନିଜ ଘର ଛାଡି ଗାଁ ମୁଣ୍ଡରେ କୁଡିଆ କରି ରହି ସାଧାରଣ ଜୀବନଯାପନ କରୁଥିଲେ । ଉପାର୍ଜିତ ଅର୍ଥରେ ଦୁଃଖୀ ଦାରିଦ୍ରଙ୍କ ସେବା କରୁଥିଲେ । ତାଙ୍କ ମୃତ୍ୟୁରେ ସିପିଆଇ(ଏମ) ନେତା ବିଶ୍ୱନାଥ ମହାପାତ୍ର ଓ ଗୋଲକ ବିହାରୀ ମୁଦୁଲି ଶୋକ ପ୍ରକାଶ କରିଛନ୍ତି ।

# ୧୧ ଗାଁରେ ମରୁଡ଼ିର ପଦଧ୍ୱନି



ଜମି ଫାଟି ଆଁ କରିଛି।

- କେନାଲ ଶୁଖିଲା, ଜମି ଫାଟି ଆଁ
- ରୁଆ,ବେଉଷଣକୁ ନେଇ ଚାଷୀଙ୍କ ଚିନ୍ତା

**ନୟାଗଡ଼ ଅଫିସ, ୮।୮**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଗୋଡ଼ିପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ କୋତରଙ୍ଗ, ଆନନ୍ଦାପଲ୍ଲୀ, ବାୟାପଲ୍ଲୀ, ଖଳିପାଟଣା, ତେଲପଡ଼ା, ତାଳପାଟଣା, ଚଢେୟାପଲ୍ଲୀ, ଅଭିମାନପୁର ଓ ଗୋଡ଼ିପଲ୍ଲୀ, ଗୌଡପୁଟ ପଞ୍ଚାୟତର ଢ଼ିପିସାହି, ବାଣୀଝରି ପାହାଡ ତଳ କୋତରଙ୍ଗ ମୌଜାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି । ନିକଟରେ ଦୁଆଣ୍ଟ ନଦୀ ପ୍ରବାହିତ ହେଉଥିଲେ ମଧ୍ୟ କେନାଲ ଶୁଖିଲା ପଡିଛି । ବର୍ଷା ଅଭାବରୁ ୧୧ ଗାଁର ଧାନ ଜମି ଫାଟି ଆଁ କରିଛି। ରୁଆ ଓ ବେଉଷଣ ଆଦୌ ହୋଇ ନାହିଁ। ଚଳିତ ସପ୍ତାହରେ ବର୍ଷା ନ ହେଲେ ଧାନ ଫସଲ ଉଜୁଡି ଯିବ ବୋଲି ଚାଷୀ କହିଛନ୍ତି ।

ଅଭିଯୋଗ ଅନୁଯାୟୀ, କୋତରଙ୍ଗ, ଆନନ୍ଦାପଲ୍ଲୀ, ବାୟାପଲ୍ଲୀ, ଖଳିପାଟଣା, ତେଲପଡ଼ା, ତାଳପାଟଣା, ଚଢେୟାପଲ୍ଲୀ, ଅଭିମାନପୁର ଓ ଗୋଡିପଲ୍ଲୀ ଅଞ୍ଚଳରେ ୫ଶହ ଏକରରୁ ଊର୍ଦ୍ଧ୍ୱ ଜମି ଶୁଖିଲା ପଡିଛି। ସେହିପରି ଗୌଡ଼ପୁଟ ପଞ୍ଚାୟତର ଢ଼ିପିସାହି, ବାଣିଝରୀ ପାହାଡ଼ ତଳେ ଥିବା ୫୦୦ରୁ ଊର୍ଦ୍ଧ୍ୱ ଏକର ଧାନ ଜମିରେ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ନିକଟରେ ଦୁଆଣ୍ଟ ନଦୀ ଓ ବୁଢ଼ାବୁଢ଼ିଆଣି କେନାଲ ଥିଲେ ମଧ୍ୟ ଜମିକୁ ପାଣି ଆସୁନାହିଁ। ପୂର୍ବରୁ ଲୋକମାନେ ଦୁଆଣ୍ଟ ନଦୀରେ ବନ୍ଧ ପକାଇ ଆବଶ୍ୟକ ସମୟରେ ଜମିକୁ ପାଣି ମଡାଉ ଥିଲେ। ହେଲେ ଏ ସୁବିଧା ଏବେ ଚାଷୀମାନେ ପାଉ ନାହାନ୍ତି । ମରୁଡ଼ିକୁ ଏଡାଇବା ପାଇଁ ୨୦୧୭ରେ ବାୟାପଲ୍ଲୀଠାରେ ୪୮ ଲକ୍ଷ ଟଙ୍କା ବ୍ୟୟରେ ଦୁଆଣ୍ଟ ନଦୀରେ ଆନିକଟ ନିର୍ମାଣ ହୋଇଥିଲା। ଏବେ ସେହି ଆନିକଟ ଚାଷୀଙ୍କ କାମରେ ଲାଗୁନି। କେନାଲ ପାଣି ଶେଷ ମୁଣ୍ଡ ପର୍ଯ୍ୟନ୍ତ ପହଞ୍ଚି ପାରୁନାହିଁ। ଯେଉଁ ସ୍ଥାନରେ ଆନିକଟ ହୋଇଛି ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକମାନେ ନଦୀରେ ବନ୍ଧ ପକାଉ ଥିଲେ । ସେହିପରି ବୁଢ଼ାବୁଢ଼ିଆଣି ନଦୀର କେନାଲ ମଧ ରହିଛି । ହେଲେ ସେଥିରେ ବି ପାଣି ଆସୁନି । ଉପରୋକ୍ତ ଅଞ୍ଚଳରେ ବର୍ଷା ଆଦୌ ନାହିଁ। ଏଣୁ ବେଉଷଣ ଓ ରୁଆ ଆରମ୍ଭ ହୋଇପାରିନାହିଁ ।

ଏନେଇ କୋତରଙ୍ଗ ଗାଁର ଚାଷୀ ଦେବ ସ୍ୱାଇଁ ଓ ବାୟାପଲ୍ଲୀର ହରିହର ପାତ୍ର କୁହନ୍ତି, ନଦୀ ପାଖରେ ଆମ ଜମି ରହିଛି । ଏହା ସତ୍ତ୍ୱେ ବି ମରୁଡ଼ି ପରିସ୍ଥିତି ସୃଷ୍ଟି ହେବା ବିଶ୍ୱାସ କରି ହେଉନାହିଁ। ତ୍ରୁଟିପୂର୍ଣ୍ଣ ଆନିକଟ ନିର୍ମାଣ ଯୋଗୁ ଚାଷୀ ନଦୀ ପାଖରେ ଥାଇବି ଧାନ ଫସଲକୁ ବଞ୍ଚାଇ ପାରୁନାହିଁ। ଆନିକଟ ନିର୍ମାଣ ହେଲେ ବି ନଦୀର ଜଳ ବହି ଚାଲିଛି ବୋଲି ସେ କହିଛନ୍ତି। ଆନନ୍ଦାପଲ୍ଲୀର ଜଗନ୍ନାଥ କର କୁହନ୍ତି, ମୁଁ ୫ ଏକର ଜମିରେ ଧାର କରଜ କରି ଧାନ ଫସଲ କରିଥିଲି। ହେଲେ ବେଉଷଣ କରି ପାରୁ ନାହିଁ। ଖଳିପାଟଣାର ଭାସ୍କର କରଣ, ତେଲପଡ଼ାର କାଶି ହୋତା, ତାଳପାଟଣାର ସୀତାରାମ ଦୋରା, ଚଢ଼େୟାପଲ୍ଲୀର ଧନେଶ୍ୱର ପ୍ରଧାନ, ଅଭିମାନପୁରର ଚିରଞ୍ଜିବୀ ସେନାପତି ପ୍ରମୁଖ ଚାଷୀ କୁହନ୍ତି, ଆମ ଅଞ୍ଚଳରେ ଜଳସେଚନର ବ୍ୟବସ୍ଥା ହୋଇଛି। ଜଳ କର ଦେଉଛୁ। ହେଲେ ଜମିକୁ ପାଣି ମାଡୁ ନାହିଁ। ଆଖ ପାଖ ଅଞ୍ଚଳରେ ବର୍ଷା ହେଉଛି। ଆମ ଅଞ୍ଚଳରେ ବର୍ଷା ନାହିଁ । ଅଳ୍ପଦିନ ମଧ୍ୟରେ ଯଦି ବର୍ଷା ନ ହୁଏ ଧାନ ଫସଲ ଉଜୁଡ଼ି ଯିବ ବୋଲି ସେ କହିଛନ୍ତି।

## ଦଶପଲ୍ଲାରେ ବ୍ରହ୍ମକମଳ ଫୁଲ

**ଦଶପଲ୍ଲା, ୮।୮ (ଡି.ଏନ.ଏ.)**

ଦଶପଲ୍ଲା ଦୁର୍ଗା ବଜାର କଲୋନୀର ବୈକୁଣ୍ଠ ମିଶ୍ରଙ୍କ ବାଡ଼ିରେ ବ୍ରହ୍ମକମଳ ଫୁଲ ଫୁଟିଛି । ପୁରୀରୁ ବ୍ରହ୍ମକମଳ ଫୁଲ ଚାରା ଆଣି ସେ ନିଜ ବାଡିରେ ଲଗାଇ ଥିଲେ। ରବିବାର ରାତି ପ୍ରାୟ ୯ଟା ସମୟରେ ୩ଟି ଫୁଲ ଫୁଟିଥିଲା । ସମସ୍ତ ମନ୍ଦିରର ପହୁଡ ପଡିଯାଇଥିବାରୁ ପୁଅ ଅମରେଶ ଘରେ ପୂଜା ପାଉଥିବା ଶ୍ରୀଜଗନ୍ନାଥ, ମା'ମହାଲକ୍ଷ୍ମୀଙ୍କୁ ସେହି ଫୁଲ ଅର୍ପଣ କରିଥିଲେ । ଏହି ଦୁର୍ଲଭ ବ୍ରହ୍ମକମଳ ଫୁଲ ଦେଖିବାକୁ ସ୍ଥାନୀୟ ଲୋକମାନେ ଭିଡ଼ ଜମାଇଥିଲେ ।


ଅମରେଶ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରିବାକୁ ନେଉଥିବା ବ୍ରହ୍ମକମଳ ଫୁଲ ।

## ଚିତାଲାଗି ହେଲେ ନୀଳମାଧବ



**ଖଣ୍ଡପଡ଼ା, ୮।୮ (ସ୍ୱ.ପ୍ର.)**

ଜଗନ୍ନାଥ ସଂସ୍କୃତିର ଆଦିଦେବତା ଭାବେ ପରିଚିତ କଣ୍ଟିଲୋର ନୀଳମାଧବ ଜୀଉଙ୍କ ସୁବର୍ଣ୍ଣ ଚିତାଲାଗି ରବିବାର ଚିତାଲାଗି ଅମାବାସ୍ୟା ତିଥିରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଶ୍ରୀଜୀଉଙ୍କ ସକାଳଧୂପ ଶେଷ ହେବା ପରେ ମନ୍ଦିରର ମୁଖ୍ୟ ପୂଜକ ସୁବର୍ଣ୍ଣ ଚିତା ଧରି ବେଢ଼ା ପରିକ୍ରମା କରିବା ପରେ ଶ୍ରୀଜୀଉଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ୱତନ୍ତ୍ର ଭୋଗ, କ୍ଷୀର ଓ ଚିତଉ ପିଠା ଶ୍ରୀଜୀଉଙ୍କୁ ଲାଗି କରାଯାଇଥିଲା । ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କୁ କୋଭିଡ୍ ନିୟମ ଅନୁଯାୟୀ ଦର୍ଶନ କରିଥିଲେ । ସେହିପରି ସିଧାମୂଳା ଗୋକୁଳାନନ୍ଦ ଜୀଉଙ୍କ ଚିତାଲାଗି ବେଶ ରବିବାର ଅନୁଷ୍ଠିତ ହୋଇଥିଲା । ପାରମ୍ପରିକ ରୀତିକାନ୍ତି ମଧରେ ଚିତାଲାଗି କରାଯାଇଛି।

# ଭାଗବତଟୁଙ୍ଗିରେ ଚାଲିଛି ଆୟୁର୍ବେଦ ଚିକିତ୍ସାଳୟ

**ଖଣ୍ଡପଡ଼ା,୮।୮(ସ୍ୱ.ପ୍ର.)**

ଗ୍ରାମାଞ୍ଚଳରେ ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ଏଲୋପାଥିକ ଡାକ୍ତରଙ୍କ ବଦଳରେ ଆୟୁଷ ଡାକ୍ତରମାନଙ୍କୁ ନିଯୁକ୍ତି ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ବ୍ଲକ୍ ସିଧାମୂଳା ପଞ୍ଚାୟତରେ ଜଣେ ଆୟୁର୍ବେଦିକ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି। ଉକ୍ତ ଡାକ୍ତରଖାନା ଲାଗି ନୂତନ ଗୃହ ନିର୍ମାଣ ଚାଲିଛି । କେବେ ସେହି କାମ ଶେଷ ହେବା ଜଣାପଡୁନାହିଁ । ସେଥିପାଇଁ ଉକ୍ତ ଡାକ୍ତରଖାନାଟି ସିଧାମୂଳାର ଏକ ଭାଗବତ ଟୁଙ୍ଗିରେ ଗତ ୪୫ ବର୍ଷ ହେଲା ଚାଲିଛି । ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଗୃହ ନିର୍ମାଣ କାମ ସମ୍ପନ୍ନ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି ।

୨୧ ୱାର୍ଡ ତଥା ୮ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସିଧାମୂଳା ପଞ୍ଚାୟତବାସୀ ସ୍ୱାସ୍ଥ୍ୟସେବା ପାଇଁ ୧୩ କି.ମି. ଓ ୧୫ କି.ମି. ଦୂର ଯଥାକ୍ରମେ


ଭାଗବତ ଟୁଙ୍ଗିରେ ଚାଲିଥିବା ଡାକ୍ତରଖାନା ।


ନବନିର୍ମିତ କୋଠା ।

### ନୂତନ ଗୃହ ନିର୍ମାଣ କାମ ଶେଷ ହୋଇପାରୁନାହିଁ

କଣ୍ଟିଲୋ ଓ ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି । ଅଧିକାଂଶ ସମୟରେ ଗମନାଗମନ ତଥା ଯାନବାହାନ ଚଳାଚଳ ସମସ୍ୟା ଯୋଗୁ ଜରୁରିକାଳୀନ ସ୍ୱାସ୍ଥ୍ୟସେବାରେ ସ୍ଥାନୀୟ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ସେଥିପାଇଁ ଏକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲା । ରାଜ୍ୟ ସରକାର ଉପରୋକ୍ତ ଦାବିକୁ ଗୁରୁତ୍ୱ ଦେଇଥିଲେ । ସଂପୃକ୍ତ ଅଞ୍ଚଳରେ ଏକ ଆୟୁର୍ବେଦିକ ଡାକ୍ତରଖାନା ଖୋଲିବା ସହିତ ୧୯୭୬ରେ ଜଣେ ଆୟୁର୍ବେଦିକ ଡ଼ାକ୍ତରଙ୍କୁ ନିଯୁକ୍ତି ଦେଇଥିଲେ । ଗୃହ ନିର୍ମାଣ ହୋଇ ନ ଥିବାରୁ ଗ୍ରାମବାସୀଙ୍କ ସହଯୋଗରେ ଗ୍ରାମର ଏକ ଟୁଙ୍ଗି ଘରେ ଉକ୍ତ ଡାକ୍ତରଖାନା ଖୋଲିଥିଲା । ସେବେଠାରୁ ଉକ୍ତ ଡାକ୍ତରଖାନାଟି ସେଠାରେ ଚାଲି ଆସୁଛି । ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟ ଜଳ ଓ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ସମସ୍ୟା ସୃଷ୍ଟି ହେଉଛି ।

ଜିଲା ଆୟୁର୍ବେଦିକ ମେଡିକାଲ ଅଧିକାରୀ ଇଷ୍ଟର୍ନ ସର୍କଲ ଭୁବନେଶ୍ୱରଙ୍କ ଆବେଦନ କ୍ରମେ ସିଧାମୂଳା ମୌଜାରେ ଖାତା ନଂ. ୫୪୫, ପ୍ଲଟ ନଂ. ୭୩୯ରେ ଥିବା ୭୧ ବସ୍ତିଯୋଗ୍ୟ କିସମ ଜମିକୁ ହେଲ୍‌ଥ ଆଣ୍ଡ ଫାମିଲ ୱେଲଫେୟାର ଡ଼ିପାଟମେଣ୍ଟକୁ ହସ୍ତାନ୍ତର କରାଯାଇଛି । ସେହି ଜମିରେ ସିଧାମୂଳାଠାରେ ସରକାରୀ ଆୟୁର୍ବେଦିକ ଡାକ୍ତରଖାନା ଗୃହ ଓ ଷ୍ଟାଫ୍ କ୍ୱାର୍ଟର୍ସ, ଔଷଧୀୟ ବୃକ୍ଷର ବଗିଚା ନିର୍ମାଣ ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ସେହି ଜାଗା ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତତ୍ତ୍ୱାବଧାନରେ ନୂତନ ଗୃହ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିଲେ ମଧ ଜଳ ଯୋଗାଣ, ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ସେଥିପାଇଁ ତାହା ଆୟୁର୍ବେଦିକ ଡାକ୍ତରଖାନାକୁ ହସ୍ତାନ୍ତର ହୋଇପାରିନାହିଁ ବୋଲି ସହକାରୀ ଯନ୍ତ୍ରୀ ଇଂ. ସନ୍ଦିପ କୁମାର ଛୁଆଳସିଂହ କହିଛନ୍ତି । ଏ ସମ୍ପର୍କରେ ଡାକ୍ତର ଶୁଭସ୍ମିତା ଜେନା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିବା କହିଛନ୍ତି ।

## ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା

**ନୟାଗଡ଼ ଅଫିସ,୮।୮**

ବରିଷ୍ଠ ନାଗରିକ ସମ୍ମିଳନୀ କକ୍ଷରେ ନୟାଗଡ଼ ସହରାଞ୍ଚଳ ବରିଷ୍ଠ ନାଗରିକ ମଞ୍ଚ ଏଲଡରସ ଭିଜନ ଆଣ୍ଡ ଆକ୍ସନ ଗ୍ରୁପର ଏକ ବୈଠକ ଅନୁଷ୍ଠିତ ହୋଇଛି । ସଭାପତି କୁବେର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁ ଯୋଗ ଦେଇଥିଲେ । ବୈଠକରେ କର୍ମକର୍ତ୍ତା ଚୟନ ହୋଇଥିଲା। ଅମୂଲ୍ୟ ମହାନ୍ତି ସଭାପତି, ହରିହର ମିଶ୍ର ଉପସଭାପତି, ଗୋପାଳ ଚନ୍ଦ୍ର ନାୟକ ସମ୍ପାଦକ, କୃପାସିନ୍ଧୁ ପଣ୍ଡା କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ଅନ୍ୟପକ୍ଷେ ୭ଜଣ ଉପଦେଷ୍ଟା ଓ ୯ ଜଣ କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇଛନ୍ତି । ନୂତନ କର୍ମକର୍ତ୍ତାଙ୍କୁ ବରିଷ୍ଠ ନାଗରିକ ମଞ୍ଚର ଉପଦେଷ୍ଟା ବିଶ୍ୱନାଥ ନାୟକ ଶପଥ ପାଠ କରାଇଥିଲେ । ନୟାଗଡ ଜିଲା ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଦୁର୍ଯ୍ୟୋଧନ ସାହୁ ଏଥିରେ ଯୋଗ ଦେଇଥିଲେ ।


ଗ୍ରାମବାସୀ ରାସ୍ତା ନିର୍ମାଣ କରୁଛନ୍ତି।

# ଗାଁ ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

**ନୟାଗଡ଼ ଅଫିସ,୮।୮**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଟାକରା ପଞ୍ଚାୟତର ବୁରୁସାହି, ଗୁଡିଆସାହି, ମିଟୁକୁଳି,ଚଣ୍ଡିବସ୍ତ ଓ ତିଳାବାଡି ଗାଁକୁ ରାସ୍ତା ନାହିଁ । ଏଭଳିସ୍ଥଳେ ସ୍ଥାନୀୟ ୫ଟି ଗାଁର ବାସିନ୍ଦା ରବିବାର ଏକତ୍ରିତ ହୋଇ ନିଜ ଅଞ୍ଚଳକୁ ପଡିଥିବା ୪ କିମି ରାସ୍ତା ନିର୍ମାଣ କରିଛନ୍ତି । ଗାଁ ଲୋକମାନେ ଏଥିପାଇଁ ଚାନ୍ଦା କରିଥିଲେ । ସେହି ଟଙ୍କାରେ ଟ୍ରାକ୍ଟର ଦ୍ୱାରା ମାଟି ଆଣି ରାସ୍ତାରେ ପକାଇଲେ । ପରେ ନିଜେ ଶ୍ରମଦାନ କରି ରାସ୍ତା ନିର୍ମାଣ କରିଛନ୍ତି। ବୁରୁସାହି, ଗୁଡିଆସାହି, ମିଟୁକୁଳି, ଚଣ୍ଡିବସ୍ତ ଓ ତିଳାବାଡି ଅଞ୍ଚଳକୁ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଲୋକମାନେ ବାରମ୍ବାର ଦାବି କରି ଆସୁଥିଲେ । ହେଲେ ପ୍ରଶାସନ ରାସ୍ତା ନିର୍ମାଣ କରିବାକୁ ଗୁରୁତ୍ୱ ଦେଇ ନ ଥିଲା । ଉପରୋକ୍ତ ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ, ଦମକଳ ଓ ଯାନବାହାନ ଗାଁ ଭିତରକୁ ଯାଇ ପାରୁ ନ ଥିବା ଅଭିଯୋଗ ହୋଇଥିଲା ।

# ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପ୍ରଚାର ଉପରେ ଗୁରୁତ୍ୱ

**ନୟାଗଡ଼ ଅଫିସ,୮।୮**

ନୟାଗଡ଼ ବିଜେଡି କାର୍ଯ୍ୟାଳୟରେ ରବିବାର ଏକ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ନିର୍ବାଚନ ମଣ୍ଡଳୀ ବିଜେଡି ସଭାପତି ଗଙ୍ଗାଧର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ତଥା ନୟାଗଡ଼ ଜିଲା ପର୍ଯ୍ୟବେକ୍ଷକ ପଦ୍ମନାଭ ବେହେରା ଯୋଗ ଦେଇଥିଲେ । ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ କୁମାର ସାହୁ, ଜିଲା ବିଜେଡି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସଙ୍ଗଠନକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଶାସନ ଓ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି ସୋସିଆଲ ମିଡିଆର ସାହାଯ୍ୟ ନେବାକୁ ନେତାମାନେ ପରାମର୍ଶ ଦେଇଥିଲେ ।

# ବନ ବିଭାଗ ଭୁଲିଗଲା ପଲିଥିନ ପ୍ରଦୂଷଣ

**ନୂଆଗାଁ,୮।୮ (ଡି.ଏନ.ଏ.)**

### ଚାରା ରୋପଣ ପରେ ଜଙ୍ଗଲରେ ପଡ଼ିରହିଛି ପଲିଥିନ

ପଲିଥିନର ବ୍ୟବହାରକୁ ସରକାର ବାରଣ କରିଛନ୍ତି । ଏଥିପାଇଁ ବିଭିନ୍ନ ଦୋକାନ ବଜାର ସହିତ ପାଇକାରୀ ବିକ୍ରେତାଙ୍କ ଗୋଦାମ ଉପରେ ଚଢ଼ାଉ ଜାରି ରହିଛି। ଧରାପଡିଥିବା ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରାଯାଉଛି । ହେଲେ ସେହି କଟକଣାକୁ ବନ ବିଭାଗ ଉଲ୍ଲଂଘନ କରି ଚାଲିଛି । ପଲିଥିନ୍ ବ୍ୟାଗ୍‌ରେ ଚାରା ପ୍ରସ୍ତୁତ କରାଯାଉଛି । ଚାରା ରୋପଣ ପରେ ସେହି ପଲିଥିନକୁ ଗୋଟିଏ ସ୍ଥାନରେ ଏକାଠି କରି ନଷ୍ଟ କରାଯାଉନାହିଁ। ଫଳରେ ପରିବେଶ ପ୍ରଦୂଷଣ ହେଉଥିବା ଅଭିଯୋଗ ହୋଇଛି।

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ଅଧୀନ ସମ୍ପଡାରେ ରହିଛି ଜିଲାର ମେଗା ନର୍ସରୀ । ୧୦ ହେକ୍ଟର ପରିମିତ ଜମିରେ ପ୍ରତିଷ୍ଠା କରାଯାଇଥିବା ଏହି ନର୍ସରୀରେ ପ୍ରତିବର୍ଷ ୫ ଲକ୍ଷ ଚାରା ଉତ୍ପାଦନ କରିବାର ଲକ୍ଷ୍ୟ ରଖାଯାଇଛି। ଏବେ ସେହି ନର୍ସରୀରୁ ପ୍ରତିବର୍ଷ ୩ ଲକ୍ଷ ଚାରା ଉତ୍ପାଦନ କରାଯାଉଛି । ସେହି ଚାରା ପାଇଁ ପ୍ରତିବର୍ଷ ୩ ଲକ୍ଷରୁ ଊର୍ଦ୍ଧ୍ୱ ପଲିଥିନ ବ୍ୟବହାର କରାଯାଉଛି। ଅନ୍ୟପକ୍ଷେ ଚାରା ରୋପଣ ପରେ ସେହି ପଲିଥିନ୍‌କୁ ବିଭିନ୍ନ ସ୍ଥାନରେ ପକାଇ ଦିଆଯାଉଛି । ତାହା ଦୀର୍ଘଦିନ ଧରି ଏଣେତେଣେ ଉଡ଼ି ବୁଲୁଛି । ତାହା ନଷ୍ଟ ହେଉନାହିଁ । ଯେଉଁ ସ୍ଥାନରେ ପଲିଥିନ ଜମି ରହୁଛି ସେଠାରେ କୌଣସି ବୃକ୍ଷ ଉଠିପାରୁନାହିଁ। ଫଳରେ ପରିବେଶ ପାଇଁ ସେହି ପଲିଥିନ ଚିନ୍ତାର କାରଣ ହୋଇଛି। ଏହାକୁ ନେଇ ପରିବେଶବିତ୍‌ମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଏ ବାବଦରେ ନୟାଗଡ଼ ବନଖଣ୍ଡ ଅଧିକାରୀ କହିଛନ୍ତି, ପଲିଥିନ ବ୍ୟବହାର କମ୍ କରିବା ତଥା ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଆମେ ଚେଷ୍ଟା କରୁଛୁ । ବନ ବିଭାଗ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟରେ ଜଙ୍ଗଲ ସୃଷ୍ଟି କରିବାକୁ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ପରିବେଶ ସୁରକ୍ଷା ପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ମେଗା ନର୍ସରୀ ଦାୟିତ୍ୱରେ ଥିବା ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ସ୍ୱାଇଁ କହିଛନ୍ତି, ଚାରା ରୋପଣ ପରେ ଉକ୍ତ ପଲିଥିନ ସେହି ଚାରା ମୂଳରେ ପକାଇବା ପାଇଁ ଡିଏଫ୍‌ଓଙ୍କ ନିର୍ଦ୍ଦେଶ ରହିଛି । ତାଙ୍କ ନିର୍ଦ୍ଦେଶ ଅନୁସାରେ କାମ ହେଉଛି । ଅନ୍ୟପକ୍ଷେ ଚାରା ରୋପଣ କରା ନ ଯାଇ ଫୋପାଡ଼ି ଦିଆଯାଇଥିବା ଅଭିଯୋଗକୁ ସେ ଅସ୍ୱୀକାର କରିଛନ୍ତି ।


ଜଙ୍ଗଲରେ ପଡ଼ିଥିବା ପଲିଥିନ।


ଚାରାକୁ ରୋପଣ ନ କରାଯାଇ ଫୋପାଡ଼ି ଦିଆଯାଇଛି।